


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୩ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 03 February 2026

Vol.No. 36 ■ No.32 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ଭାରତ ଉପରେ ଟାରିଫ ହ୍ରାସ କଲା ଆମେରିକା: ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ଖସିଲା ଶୁଳ୍କ



ନୂଆଦିଲ୍ଲୀ,୨/୨ :ଭାରତ ଉପରେ ଟାରିଫ ହ୍ରାସ କଲା ଆମେରିକା । ୨୫ପ୍ରତିଶତରୁ ୧୮ ପ୍ରତିଶତକୁ ଖସିଲା ଶୁଳ୍କ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥାବାର୍ତ୍ତା ପରେ ସୋସିଆଲ ମିଡିଆରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସୂଚନା । ଋଷ ଠୁ ତେଲ ନ କିଣିବାକୁ ଭାରତ ନିଷ୍ପତ୍ତି ନେଇଥିବା ନେଇ ଟ୍ରମ୍ପ ସୂଚନା ଦେଇଛନ୍ତି । ଟ୍ରମ୍ପ କହିଛନ୍ତି, ମୋଦୀ ମୋର ଅତି ବଡ଼ ବନ୍ଧୁ ଏବଂ ତାଙ୍କ ଦେଶର ଏକ ଶକ୍ତିଶାଳୀ ଓ ସମ୍ମାନିତ ନେତା । ବାଣିଜ୍ୟ ସହ ଅନେକ ବିଷୟ ଉପରେ ମୋଦୀଙ୍କ ସହ ଆଲୋଚନା କରିଛି । ରୁଷ ଓ ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ଉପରେ ମଧ ଆଲୋଚନା ହୋଇଛି । ସେ ରୁଷୀୟ ତୈଳ କ୍ରୟ ବନ୍ଦ କରିବାକୁ ରାଜି ହୋଇଛନ୍ତି ଏବଂ ଆମେରିକାଏବଂ ଭେନେଜୁଏଲାରୁ ଅଧିକ ପରିମାଣରେ କିଣିବାକୁ ମୋଦୀ ନିଷ୍ପତ୍ତି ନେଇଥିବା ଟ୍ରମ୍ପ କହିଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ନେଇ ମୋଦୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ଟ୍ରମ୍ପ ସୂଚନା ଦେଇଛନ୍ତି । ମୋଦୀ-ଟ୍ରମ୍ପଙ୍କ କଥାବର୍ତ୍ତା ନେଇ ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋରଙ୍କ ସୂଚନା ଦେଇଛନ୍ତି । ମୋଦୀ-ଟ୍ରମ୍ପଙ୍କ କଥାବାର୍ତ୍ତା ପରେ ଦୀର୍ଘଦିନ ଧରି ଆମେରିକା-ଭାରତ ମଧ୍ୟରେ ଲାଗିରହିଥିବା ବାଣିଜ୍ୟ ବିବାଦର ସମାଧାନ ହେବ ବୋଲି କୁହାଯାଉଛି । ଘୋଷଣା ପୂର୍ବରୁ ଟ୍ରମ୍ପ୍ ପିଏମ୍ ମୋଦୀଙ୍କ ସହ କଥାବାର୍ତ୍ତା କରିଥିଲେ । ଏହି ଚୁକ୍ତି କେତେକ ମାସ ଧରି ଚାଲିଥିବା ଆଲୋଚନା ପରେ ହୋଇଛି । ଭାରତର ରୁଷରୁ ଅଶୋଧିତ ତୈଳ କିଣୁଥିବାରୁ ଭାରତ ଉପରେ ୨୫ ପ୍ରତିଶତ ଟାରିଫ ଲଗାଇଥିଲା ଆମେରିକା । ଯୁକ୍ତରାଷ୍ଟ୍ର ଦାବି କରିଥିଲା ଯେ ଏହା ପରୋକ୍ଷରେ ରୁଷର ୟୁକ୍ରେନ ବିରୋଧୀ ଯୁଦ୍ଧକୁ ଅର୍ଥ ଯୋଗାଉଛି ।

# ୬ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

**ଆଜି ଯାଜପୁରରେ ମା' ବିରାଜଙ୍କୁ ଦର୍ଶନ ସହ ବାଲେଶ୍ୱର ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ**



ଭୁବନେଶ୍ୱର, ୨/୨ (ନି.ପ୍ର): ୬ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଭୁବନେଶ୍ୱରରେ ପହଞ୍ଚିଲେ ରାଷ୍ଟ୍ରପତି । ଆସନ୍ତାକାଲି ଅପରାହ୍ନ ୫ଟାରେ ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ । ଏହାପରେ ପୁରୀ ଲୋକଭବନ ଯାଇ ସେଠାରେ ରାତ୍ରିଯାପନ କରିବେ । ଆସନ୍ତା ୪ ତାରିଖରେ ଶ୍ୱେତଗଙ୍ଗାରେ ରାଷ୍ଟ୍ରପତି ନିଜ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିରେ ମହାପ୍ରଭୁଙ୍କୁ ଦର୍ଶନ କରିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବ୍ଲୁ ବୁକ୍ ଅନୁଯାୟୀ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି । ସୁରକ୍ଷା ପାଇଁ ୩୦ ପ୍ଲାଟୁନ୍‌ରୁ ଅଧିକ ପୁଲିସ ଫୋର୍ସ ମୁତୟନ କରାଯିବ । ସ୍ୱତନ୍ତ୍ର ୟୁନିଟ୍, ଆଣ୍ଟି ଡ୍ରୋନ୍ ଟିମ୍, ଆଣ୍ଟି ସାବୋଟାଇଜ ଟିମ୍, ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ ହେବେ । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ସମସ୍ତ ହୋଟେଲ, ଲଜିଂ ଯାଞ୍ଚ କରାଯାଇଥିବା ବେଳେ ସହରରେ ରୁଟ୍ ପ୍ଲାନିଂ କରାଯାଇଛି । ସେହିପରି ଆଜି କେନ୍ଦ୍ରାଞ୍ଚଳ ଆଇଜି ପୁରୀରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଧାର୍ମିକ ଓ ଅଧ୍ୟାତ୍ମିକ ଦୃଷ୍ଟିକୋଣରୁ ଶ୍ରୀକ୍ଷେତ୍ରର ଶ୍ୱେତଗଙ୍ଗାରେ ପିଣ୍ଡଦାନର ମହତ୍ତ୍ୱ ରହିଛି । ରାଷ୍ଟ୍ରପତି ନିଜ ପିତୃ ପୁରୁଷଙ୍କୁ ପିଣ୍ଡଦାନ କରିବା ନେଇ ଇଚ୍ଛା ପ୍ରକଟ କରିଥିବାରୁ ଶ୍ୱେତ ଗଙ୍ଗାରେ ସାବତ ନିଯୋଗ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ନିଯୋଗର ୩ଜଣ ସଦସ୍ୟ ବିଧି ପରମ୍ପରା ଅନୁସାରେ ପିଣ୍ଡଦାନ କାର୍ଯ୍ୟକୁ ସମାପନ କରିବା ନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ପିଣ୍ଡଦାନ ପାଇଁ ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ଶ୍ରୀକ୍ଷେତ୍ରର ଧାର୍ମିକ ଓ ଆଧ୍ୟାତ୍ମିକତାକୁ ବୃଦ୍ଧି କରାଇବ।






## ଓଡ଼ିଶାକୁ ରେକର୍ଡ ରେଳ ବଜେଟ୍: ଓଡ଼ିଶାର ଭାଗ୍ୟ ବଦଳାଇବ ପୂର୍ବ-ପଶ୍ଚିମ ପରିବହନ କରିଡର



ଭୁବନେଶ୍ୱର, ୨/୨ (ନି.ପ୍ର): ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ଭଣ୍ଡାର ଖୋଲି ଦେଇଛି କେନ୍ଦ୍ର । ନୂଆ କରିଡର ସହ ପୁରୁଣା ପ୍ରକଳ୍ପ ଶେଷ କରିବା ଉପରେ ରହିଛି ଫୋକସ । ଏଥିପାଇଁ ପ୍ରାୟ ୧୧ ହଜାର କୋଟି ଟଙ୍କାର ଅନୁଦାନ ଦେଇଛନ୍ତି ମୋଦୀ ସରକାର । ଯାହା ସମୃଦ୍ଧ ଓଡ଼ିଶା ସଂକଳ୍ପକୁ ଆହୁରି ସୁଦୃଢ଼ କରିବ । ଡବଲ ଇଞ୍ଜିନ ସରକାରରେ ଡବଲ ଫାଇଦା ପାଇଛି ଓଡ଼ିଶା । ଓଡ଼ିଶାକୁ ପୂର୍ବୋଦୟ ଭାରତର ଗେଟୱେ କରିବାକୁ ଯେଉଁ ପରିକଳ୍ପନା ହୋଇଛି ତାହାକୁ ବଳ ଦେଇଛି ଚଳିତବର୍ଷର ରେଳ ବଜେଟ । ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ପାଇଁ ୧୦ ହଜାର ୯୨୮ କୋଟି ଟଙ୍କାର ବଜେଟ ଅନୁଦାନ ଦେଇଛି କେନ୍ଦ୍ର । ଖୁବ୍‌ଶୀଘ୍ର ପୂର୍ବ-ପଶ୍ଚିମ ପରିବହନ କରିଡର ସହ ଯୋଡ଼ି ହେବ ଓଡ଼ିଶା । ଏହା ପଶ୍ଚିମବଙ୍ଗର ଦାନ୍ତକୁଣିରୁ ଓଡ଼ିଶା-ଛତିଶଗଡ୍-ମଧ୍ୟପ୍ରଦେଶ-ମହାରାଷ୍ଟ୍ର-ଗୁଜରାଟର ସୁରଟକୁ ସଂଯୋଗ କରିବ । ଯାହା ଓଡ଼ିଶାକୁ ଶିଳ୍ପ ଓ ବାଣିଜ୍ୟିକ କ୍ଷେତ୍ରରେ ଦୁଇ ପାଦ ଆଗରେ ରଖିବ । ଏହାବାଦ୍ ଓଡ଼ିଶାରେ ୯୦ ହଜାର ୯୫୯ କୋଟି ଟଙ୍କାର ପ୍ରକଳ୍ପ କାମ ଚାଲିଛି । ଖୁବଶୀଘ୍ର ଓଡ଼ିଶାରେ ୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଟାର୍ଗେଟ ପୂରଣ ନେଇ ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ । ରେଳ ଯୋଗାଯୋଗ କ୍ଷେତ୍ରରେ ଆଗକୁ ବଢୁଛି ଓଡ଼ିଶା । ରାଜ୍ୟରେ ଏବେ ୬ଟି ଲେଖାଏଁ ବନ୍ଦେ ଭାରତ ଓ ଅମୃତ ଭାରତ ଟ୍ରେନ ଚାଲୁଛି । ଗତ ୧୧ ବର୍ଷରେ ରାଜ୍ୟରେ ୨୨ ଶହ କିଲୋମିଟର ରେଳ ଟ୍ରାକ ନିର୍ମାଣ ସରିଛି । ନିର୍ମାଣଧୀନ ପ୍ରକଳ୍ପକୁ ଶୀଘ୍ର ସାରିବାକୁ ଡେଡଲାଇନ ରଖିଛି ରେଳ ବିଭାଗ । ୨୦୨୬ ଶେଷ ସୁଦ୍ଧା ଖୋର୍ଦ୍ଧା ସହ ଯୋଡ଼ି ହେବ ବଲାଙ୍ଗୀର । ୨୨୬ କି.ମି ରେଳ ଲାଇନ ଶେଷ, ବଳକା ୭୫ କି.ମି ପାଇଁ ୭ଟି ଟନେଲ୍ ନିର୍ମାଣ ଶେଷ । ପାରଳାଖେମୁଣ୍ଡି, ତାଳଚେର, ବରପାଲିରେ ଅମୃତ ଭାରତ ଷ୍ଟେସନ୍ କାର୍ଯ୍ୟ ଶେଷ । ଟ୍ରେନ୍ ଧକ୍କାରେ ହେଉଥିବା ହାତୀ ମୃତ୍ୟୁକୁ ରୋକିବାକୁ ଲାଗିବ ଅପ୍ଟିକାଲ ଫାଇବର କେବୁଲ ଟେକ୍ନୋଲୋଜି । ଆଗାମୀ ୬ମାସରେ ଇଓ ବେସ୍ ଥର୍ମାଲ୍ କ୍ୟାମେରା ଲାଗିବ । ପ୍ରଧାନମନ୍ତ୍ରୀଙ୍କ ଫୋକସରେ ରହିଛି ଓଡ଼ିଶା । ପୂର୍ବ ଉପା ସରକାର ସମୟରେ ବାର୍ଷିକ ୧୦୦୦ ଟଙ୍କା ପାଉଥିବା ଓଡ଼ିଶାକୁ ଏବେ ବାର୍ଷିକ ପ୍ରାୟ ୧୧ ହଜାର କୋଟି ମିଳୁଛି ।

## ମହିଳାଙ୍କ ଉଦ୍ୟୋଗୀ ମନୋଭାବ ଗ୍ରାମୀଣ ଅର୍ଥନୀତିରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି: ମୁଖ୍ୟମନ୍ତ୍ରୀ



ରାୟଗଡା , ୨/୨ (ନି.ପ୍ର): ଯେଉଁ ସମାଜରେ ମହିଳା ଆଗକୁ ବଢ଼ନ୍ତି ସେଇଠି ଉନ୍ନତି ହୋଇଥାଏଓ ରାଜ୍ୟରେ ଯଦି ମହିଳାମାନେ ଆଗକୁ ବଢ଼ିବେ ଉନ୍ନତି ଆସିବ। ସେହି ଧାରାରେ ରାୟଗଡ଼ା ଜିଲ୍ଲାର ୧୨୭୮୩ ଏସ୍ଏଚ୍‌ଜିରେ ୧ ଲକ୍ଷ ୫୨ ହଜାର ମହିଳା ଯୋଡ଼ି ହୋଇ ରହିଛନ୍ତିଓ ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ବଜେଟରେ ପ୍ରାଥମିକତା ଦିଆଯାଇଛିଓ ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀର କେବଳ ଲାଭାର୍ଥୀ ନୁହନ୍ତି, ସେମାନେ ଓଡ଼ିଶା ବିକାଶ ଯାତ୍ରାରେ ଅଂଶୀଦାର ହୋଇ ରୋଜଗାରକ୍ଷମ ହେବା ସହ ଖୁବ ଶୀଘ୍ର ନିଯୁକ୍ତି ପ୍ରଦାନ ମଧ୍ୟ କରିବେ।

◆◆ପୃଷ୍ଠା ୭

## କାଶ୍ମୀରରେ ୪.୭ ତୀବ୍ରତାର ଭୂମିକମ୍ପ

ନୂଆଦିଲ୍ଲୀ,୨/୨ : ସୋମବାର ସକାଳେ ଜମ୍ମୁ ଓ କାଶ୍ମୀରର ବାରାମୁଲ୍ଲା ଜିଲ୍ଲାରେ ୪.୭ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଅଧିକାରୀମାନେ କହିଛନ୍ତି ଯେ ଭୂମିକମ୍ପ ସକାଳ ୫:୩୫ ରେ ହୋଇଥିଲା, ଏହାର କେନ୍ଦ୍ରସ୍ଥଳ ପଟ୍ଟାନ ଅଞ୍ଚଳରେ ଥିଲା। ଏପର୍ଯ୍ୟନ୍ତ କୌଣସି କ୍ଷତିର ରିପୋର୍ଟ ମିଳିନାହିଁ।ଭୂମିକମ୍ପ ସତର୍କତା ପ୍ରଣାଳୀରୁ ମିଳିଥିବା ପ୍ରାଥମିକ ସୂଚନା ଅନୁଯାୟୀ, ଭାରତୀୟ ମାନକ ସମୟ ପ୍ରାୟ ୫:୩୫ ରେ ଭୂକମ୍ପ ଅନୁଭୂତ ହୋଇଥିଲା, ଏହାର କେନ୍ଦ୍ରସ୍ଥଳ ହାଞ୍ଜିୱେରା ବାଲାଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂରରେ ଥିଲା। ଶ୍ରୀନଗର, ବାରାମୁଲ୍ଲା, ସୋପୋର, ଗାଣ୍ଡେରବଲ, ପୁଲୱାମା ଏବଂ ଆଖପାଖ ଅଞ୍ଚଳ

◆◆ପୃଷ୍ଠା ୭

# ଚଳିତ ବଜେଟ ହେଉଛି ବିକଶିତ ଭାରତର ରୋଡମ୍ୟାପ : କୃଷ୍ଣଚନ୍ଦ୍ର ମହାପାତ୍ର



ବାଲେଶ୍ୱର, ୨/୨ (ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସିଥାରମଣଙ୍କ ଦ୍ୱାରା ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ଆଗତ କେନ୍ଦ୍ର ବଜେଟ୍‌ରେ ଚାଷୀ, ମହିଳା, ଯୁବବର୍ଗ, ବେତନଭୋଗୀ, ମଧ୍ୟବିତ, ବ୍ୟବସାୟ, ଏସ୍‌ଏସ୍‌ଏମ୍‌ଇ, ସ୍ୱାସ୍ଥ୍ୟ ସେବା, ନିଯୁକ୍ତି, ଶିକ୍ଷା, ପ୍ରତିରକ୍ଷା ପରି ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଦେଶର ପ୍ରତ୍ୟେକ କୋଣରେ ବିକାଶର ନୂତନ ଆଶାର କିରଣ ଉଜ୍ଜୀବିତ କରିଛି । ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତମ୍ ଅର୍ଥନୀତି ପାଲଟିଥିବାବେଳେ ତୃତୀୟ ବୃହତମ ଅର୍ଥନୀତି ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ଏହି ବଜେଟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ, ନୂତନ ଯୋଜନାକୁ ମଂଜୁରି ମିଳିଛି । ବଜେଟରେ ଆର୍ୟୁବେଦଠାରୁ ଆରମ୍ଭ କରି ଏଆଇ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି । ଗତ ୧୨ ବର୍ଷ ମଧ୍ୟରେ ମାନନୀୟ ମୋଦିଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ଯୋଗୁଁ ସାରା ବିଶ୍ୱରେ ଅସ୍ଥିରତା ଥିଲାବେଳେ ଭାରତର ଅଭିବୃଦ୍ଧି ବଢ଼ିଚାଲିଛି। ୨୦୪୭ ବିକଶିତ ଭାରତ ଗଠନ କରିବା ପାଇଁ ଏହା ଏକ ଶ୍ରେଷ୍ଠ ରୋଡମ୍ୟାପ ହେବା ସହିତ ସବୁବର୍ଗର ଆଶା ପୂରଣ କରିପାରିବାରେ ସକ୍ଷମ ହେବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଶ୍ରୀ ମହାପାତ୍ର କହିଛନ୍ତି ଯେ, ଚଳିତ ବଳେଟ୍‌ରେ ଭିତିଭୂମି ନିର୍ମାଣ ପାଇଁ ବ୍ୟୟ ବରାଦ ୧୨ଲକ୍ଷ କୋଟି ଟପିଥିଲାବେଳେ ସାମାଜିକ କ୍ଷେତ୍ରରେ ବ୍ୟୟବରାଦ ବଢ଼ିଛି। ପୂର୍ବରୁ ଚାଲୁଥିବା ଗୋଟିଏ ବି ଯୋଜନା ବନ୍ଦ ହୋଇନାହିଁ। ବିଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପରି ଯୋଗୁଁ ଭାରତର ଅର୍ଥନୀତି ସ୍ଥିର ଅଭିବୃଦ୍ଧି ଅର୍ଜନ କରିବାରେ ସଫଳ ହୋଇ ପାରିଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୂର ଦୃଷ୍ଟି ସମ୍ପନ୍ନ ନୀତି ଯୋଗୁଁ ସାରା ବିଶ୍ୱରେ ଅସ୍ଥିରତା ଥିବା ବେଳେ ଭାରତର ଅଭିବୃଦ୍ଧି ବଢି ଚାଲିଛି। ୨୦୪୭ ବିକଶିତ ଭାରତ ଗଠନ କରିବା ପାଇଁ ଏହା ଏକ ଶ୍ରେଷ୍ଠ ରୋଡମ୍ୟାପ ହେବା ସହିତ ସବୁ ବର୍ଗର ଆଶା ପୂରଣ କରିବ । ଶ୍ରୀ ମହାପାତ୍ର କହିଛନ୍ତି ଯେ, ଚଳିତ ବଜେଟ୍‌ରେ ଭିତିଭୂମି ନିର୍ମାଣ ପାଇଁ ବ୍ୟୟବରାଦ ୧୨ଲକ୍ଷ କୋଟି ଟପିଥିଲାବେଳେ ସାମାଜିକ କ୍ଷେତ୍ରରେ ୫.୦୭ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ବଢ଼ିଛି। ପୂର୍ବରୁ ଚାଲୁଥିବା ଗୋଟିଏ ବି ଯୋଜନା ବନ୍ଦ ହୋଇନାହିଁ। ବିଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଭାରତର ଅର୍ଥନୀତି ସ୍ଥିର ଅଭିବୃଦ୍ଧି ହାସଲ କରିବାରେ ସଫଳ ହୋଇପାରିଛି ।ଦେଶ ଆମେ ବିଶ୍ୱର ତୃତୀୟ ଅର୍ଥନୀତିରେ ପରିଣତ ହେବେଇ ଏବଂ ସେହି ଦିଗରେ ଦ୍ରୁତଗତିରେ ଆଗେଇ। ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ଏହି ବଜେଟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନୂତନ ଯୋଜନା ବା ମଂଜୁରୀ ମିଳିଛି। ବଜେଟରେ ଆୟୁର୍ବେଦଠାରୁ ଆରମ୍ଭ କରି ଏଆଇ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି। ଗତ ୧୨ବର୍ଷ ମଧ୍ୟରେ ମାନ୍ୟବର ମୋଦିଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ଯୋଗୁଁ ସାରା ବିଶ୍ୱରେ ଅସ୍ଥିରତା ଥିବାବେଳେ ଭାରତର ଅଭିବୃଦ୍ଧି ବଢି ଚାଲିଛି। ୨୦୪୭ ବିକଶିତ ଭାରତ ଗଠନ କରିବା ପାଇଁ ଏହା ଏକ ଶ୍ରେଷ୍ଠ ରୋଡମ୍ୟାପ ହେବା ସହିତ ସବୁ ବର୍ଗର ଆଶା ପୂରଣ କରି ପାରିବାରେ ସକ୍ଷମ ହେବ। ଶ୍ରୀ ମହାପାତ୍ର କହିଛନ୍ତି ଯେ, ଚଳିତ ବଜେଟରେ ଭିତିଭୂମି ନିର୍ମାଣ ପାଇଁ ବ୍ୟୟ ବରାଦ ୧୨ ଲକ୍ଷ କୋଟି ଟପିଥିଲାବେଳେ ସାମାଜିକ କ୍ଷେତ୍ରରେ ବ୍ୟୟ ବରାଦ ବଢିଛି। ପୂର୍ବରୁ ଚାଲୁଥିବା ଗୋଟିଏ ବି ଯୋଜନା ବନ୍ଦ ହୋଇନାହିଁ। ବିଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଭାରତର ଅର୍ଥନୀତି ସ୍ଥିର ଅଭିବୃଦ୍ଧି ହାସଲ କରିବାରେ ସଫଳ ହୋଇପାରିଛି ବୋଲି ସେ କହିଛନ୍ତି।

# ମିରାକଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୨/୨ (ନି.ପ୍ର): ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମିରାକଲ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଚେୟାରମ୍ୟାନ ତଥା ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଐତିହାସିକ ଓ ଗବେଷକ ଡକ୍ଟର ଅଜୟ କୁମାର ପଣ୍ଡା, ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ଡକ୍ଟର ବିଶ୍ୱ ରଞ୍ଜନ ଦାସ,ବିଦ୍ୟାଳୟର ସମ୍ପାଦକ ରାହାସ ବିହାରୀ ମହାନ୍ତି, ସମାଜସେବୀ ସବିତା ପଟ୍ଟନାୟକ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ଅତିଥି



ପରିଚୟ ପ୍ରଦାନ କରିଥିଲେ ଅଧ୍ୟକ୍ଷ ପ୍ରୀତି ରଞ୍ଜନ ସାହୁ ଓ ବାର୍ଷିକ ବିବରଣୀ ପାଠ କରିଥିଲେ ଅଭିଲିପ୍ସା ଶତପଥୀ। ଏହି ସଂପାଦକୀୟ ବିବରଣୀ ପାଠ କରିଥିଲେ ରାହାସ ବିହାରୀ ମହାନ୍ତି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ମଙ୍ଗଳ ଗୀତିକା ପାଠ କରିଥିଲେ ମନସ୍ମିତା ବଳ। ଏହି ଉତ୍ସବରେ ବି ଭୁବନେଶ୍ୱରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବହୁ ସଂଖ୍ୟାରେ ଅଭିଭାବକ ଓ ଛାତ୍ର ଛାତ୍ରୀ ତଥା ଜନ ସାଧାରଣ ଯୋଗ ଦେଇଥିଲେ। ଏହି ଆକର୍ଷଣୀୟ ଉତ୍ସବରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ।

# ଅଟଳ ବିହାରୀ ମହାବିଦ୍ୟାଳୟର ୬୧ ତମ ବାର୍ଷିକ ଉତ୍ସବ

ବାସୁଦେବପୁର , ୨/୨ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ୬୧ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଚିନ୍ମୟୀ ସେନାପତି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ଶିକ୍ଷାନୀତିର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଯୋଗ ଦେଇଥିଲେ ଏବଂ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମର ଐତିହାସିକ ତଥ୍ୟକୁ ଆଲୋଚନା କରିଥିଲେ। ଏହି



ଉତ୍ସବରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକା କବି ଡକ୍ଟର ଅପର୍ଣ୍ଣା ମହାନ୍ତି ତାଙ୍କ ବକ୍ତବ୍ୟରେ କହିଲେ ଯେ ଆମ ସମାଜର ସାହିତ୍ୟ ହେଉଛି ଆତ୍ମା। ସାହିତ୍ୟ ସହିତ ରାଜନୀତି, କଳା ସଂସ୍କୃତି ଧର୍ମ, ଐତିହ୍ୟ, ପରମ୍ପରା, ସମାଜସେବା ସବୁ କିଛି ଜଡ଼ିତ। ଏହି ଉତ୍ସବରେ ବରିଷ୍ଠ ଅଧ୍ୟାପକ ବିଜୟ କୁମାର ଅଗସ୍ତି ମଞ୍ଚ ସଂଯୋଜନା ଓ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଚିନ୍ମୟୀ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡକ୍ଟର ରାଜେନ୍ଦ୍ର କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନୃତ୍ୟ, ସଙ୍ଗୀତମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଲକ୍ଷ୍ମୀପ୍ରିୟା ଦେବୀଙ୍କ ସ୍ମୃତିରେ ରକ୍ତଦାନ ଶିବିର



ରାଜଘାଟ , ୨/୨ (ନି.ପ୍ର): ବସ୍ତା ବ୍ଲକ ସନ୍ତୋଷପୁର ପଂଚାୟତ ଅନ୍ତର୍ଗତ ବେଣାପୁରା ଗ୍ରାମର ସ୍ୱର୍ଗତ ହରେନ୍ଦ୍ର ନାଥ ଘୋଷଙ୍କର ପତ୍ନୀ ଲକ୍ଷ୍ମୀପ୍ରିୟାଦେବୀଙ୍କ ଏକାଦଶାହ ଅବସରରେ ଗତ ଏକ ତାରିଖ ସନ୍ଧ୍ୟାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଅବସର ପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସରସ୍ୱତୀ ପ୍ରଧାନ ଏବଂ ଜିଲା ରକ୍ତଦାତା ସଂଘର ସଭାପତି କମଲ ଚକ୍ରବର୍ତ୍ତୀ ମିଳିତ ଭାବରେ ଉଦଘାଟନ କରିଥିଲେ । ଅତିଥି ଭାବରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କବି ଡ଼ କାଳିପଦ ପଣ୍ଡା, ଅବସର ପ୍ରାପ୍ତ ଅଧ୍ୟକ୍ଷ ପ୍ରସନ୍ନ କୁମାର ଜେନା, ଇଂ. ଶାଶଙ୍କ ଶେଖର ଦେ, ଭାଗବତ ଦଳାଇ, ଡ଼ା. ଅରୁଣ କୁମାର ପ୍ରଧାନ, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକ, ଇଂ. ବିଜୟ ସେଠୀ, ଇଂ. ସ୍ୱପନ କୁମାର ପ୍ରଧାନ, ଇଂ. ନଟବର ପ୍ରଧାନ, ଇଂ. ବିଜୟ କୁମାର ଦାସ, ଇଂ. ଦିବ୍ୟ ଜୀବନ ସି, ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସାଧାରଣ ସଂପାଦକ ଦାମୋଦର ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ଓ ଅନୁଷ୍ଠିତ ଶୋକ ସଭାରେ ସମସ୍ତେ ସ୍ୱର୍ଗତ ଆତ୍ମାର ସ୍ମୃତି ଚାରଣ କରିଥିଲେ । ଡା. ଆଶୁତୋଷ ପ୍ରଧାନ ରକ୍ତଦାନ କରିବା ସହିତ ତାଙ୍କ ତତ୍ତ୍ୱାବଧାନରେ ଶିବିରରେ ମୋଟ ୨୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି ଶିବିରକୁ ଜିଲା ରକ୍ତଦାତା ସଂଘର ଲକ୍ଷ୍ମୀଧର ବାରିକ, ମନୋରଞ୍ଜନ ଦାସ, ଅନ୍ୱେଷା ଟ୍ରଷ୍ଟର ସ୍ୱରୂପ କୁମାର ବେହେରା, ମଦନ ମୋହନ ଦାସ, ପୁତ୍ର ତଥା ଜିଲ୍ଲା ରକ୍ତଦାତା ସଂଘର ସାଧାରଣ ସଂପାଦକ ଇଂ. ଡ଼ ହୃଷିକେଶ ସାହୁ, ଅମୁଲ୍ୟ କୁମାର ପାତ୍ର, ଅମୀୟ କୁମାର ଘୋଷ, କାର୍ତ୍ତିକ ଚନ୍ଦ୍ର ଘୋଷ,ମଦନ ମୋହନ ଘୋଷ, ଇଂ ଦିବ୍ୟ ଜୀବନ ସି, ପୁତ୍ର ନାରାୟଣ ଚନ୍ଦ୍ର ଘୋଷ, ବ୍ରଜେନ୍ଦ୍ର ଘୋଷ, ସାମ୍ବାଦିକ ପ୍ରସନ୍ନ କୁମାର ପାତ୍ର, ଜନ୍ମେଜୟ ପରିଡା, ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ ଶିବିରକୁ ପରିଚାଳନା କରିଥିଲେ ।

# ହରପ୍ରସାଦ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

ଲଙ୍ଗଳେଶ୍ୱର , ୨/୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ସ୍ଥିତ ହର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ବିଦ୍ୟାଳୟର ପରିସରରେ ପାଳନ ହୋଇଛି ଆଧୁନିକ ସମାଜରେ ବହୁଳ ମାତ୍ରାରେ ମୋବାଇଲ ବ୍ୟବହାର ହେଉଥିବାରୁ ପୁସ୍ତକ ଭିତରେ ଥିବା ଜ୍ଞାନକୁ ଆହାରଣ କରିନପାରିବା ଅତ୍ୟନ୍ତ ବିଡ଼ମ୍ବନା ମୋବାଇଲ ଠାରୁ ଦୂରେଇ ରହିବା ଅଧିକ ପୁସ୍ତକ ପଢିବା ଶୃଙ୍ଖଳିତ ହେବା ସମାଜ ରେ ଭଲମଣିଷ ହେବାର ପ୍ରମୁଖ ଅସ୍ତ୍ର ବୋଲି ଅତିଥି ମାନେ ମତବ୍ୟକ୍ତ କରିଛନ୍ତି ।ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଞ୍ଚାନନ ପ୍ରଧାନ ଉତ୍ସବ ରେ ସଭାପତିତ୍ୱ କରିଥିଲେ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସୁବାସିନୀ ଜେନା, ମୁଖ୍ୟ ବକ୍ତାଭାବେ ଲତାଯୋଡ଼ି କଲେଜ ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା , ସମ୍ମାନୀତ ଅତିଥି ଭାବେ ବାଲିଆପାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ନମିତା ପ୍ରଭା ସାମଲ , ପଞ୍ଚୁପାଲି କ୍ଲଷ୍ଟର ର ସିଆରସିସି ପଞ୍ଚାନନ ବେହେରା,ସମିତି ସଭ୍ୟ ଗୋପାଳ ଚନ୍ଦ୍ର ଦାସ, ପରିଚାଳନା କମିଟି ର ସଭାପତି ଭକ୍ତିପଦ ଗିରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଶିକ୍ଷକ ରାଧା ମାଧବ ବିଶ୍ୱାଳ, ଓ ଶିକ୍ଷୟିତ୍ରୀ ଦେବସ୍ମିତା ପାତ୍ର ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସହକାରୀ ଶିକ୍ଷକ ଶ୍ରୀକାନ୍ତ ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ ।ଶିକ୍ଷକ ଶ୍ରୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ପରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଝରଣା ବେହେରା, ସ୍ୱାଗତିକା ପଢୀହାରୀ, ସୁକୁମାର ପଣ୍ଡା, ସପନ କୁମାର ଦତ୍ତ, ଅଜୟ କୁମାର ଦେ,ଦିପକ ରଙ୍ଗ, ଲକ୍ଷ୍ମୀକାନ୍ତ ସିଂ,ପ୍ରଶାନ୍ତ ନାୟକ, କମଳାକାନ୍ତ ବିଶ୍ୱାଳ,ହରିଶ ଚନ୍ଦ୍ର ପ୍ରଧାନ, ସିଦ୍ଧେଶ୍ୱର ହାଁସଦା, ବିଜୟ କୁହ୍ଲାରୀ ପ୍ରମୁଖ ପରିଚାଳନା କରିଥିଲେ।

# ମୋବାଇଲ ଦୋକାନ ଭାଙ୍ଗି ଚୋରି

ଜଳେଶ୍ୱର, ୨/୨ (ନି.ପ୍ର): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା କାଳିକ ପଂଚାୟତ ହାତୀଗଡ ହାଟ ପଡ଼ିଆ ରେ ରବିବାର ବିଳମ୍ବିତ ରାତିରେ ଏକ ମୋବାଇଲ ଦୋକାନ ର ଛାତ ଏକ୍ସେବେଷ୍ଟର ଭାଙ୍ଗି ଚୋରି ହୋଇଯାଇଛି ବୋଲି ରବିବାର ସକାଳ ଆଠ ଘଟିକା ସମୟ ରେ ଦୋକାନ ର ମାଲିକ ଶଶାଙ୍କ ଦାସ ଦୋକାନ ଖୋଲିବା ପାଇଁ ଆସି ଦୋକାନ ଛାତ ଭଙ୍ଗା ହୋଇ ପଡ଼ିଛି ଦେଖିଥିଲେ। ଦୋକାନ ରେ ପଶି ଦେଖନ୍ତି ଦୋକାନ ରେ ଥିବା ୧୦ ସ୍ମାର୍ଟ ଫୋନ,୩୦ ଟି କିପେଡ ଫୋନ ସହିତ କମ୍ପ୍ୟୁଟର ହାର୍ଡଡିସ୍କ ସହିତ ମୋବାଇଲ ସାମଗ୍ରୀ ଚୋରି ହୋଇଛି। ଚୋରି ହୋଇଥିବା ଆନୁମାନିକ ମୂଲ୍ୟ ଅଢେଇଲକ୍ଷ ଟଙ୍କା ବୋଲି ଅନୁମାନ କରାଯାଉଛି। ଏ ନେଇ ସେ ରାଇବଣିଆ ଥାନା ରେ ଶଶାଙ୍କ ଦାସ ଅଭିଯୋଗ କରିଛନ୍ତି।

# ଜିଲ୍ଲା ସଦର ମହକୁମାରଠାରେ ଜନଶୁଣାଣି

ଖୋର୍ଦ୍ଧା , ୨/୨ (ନି.ପ୍ର): ଆଜି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମାଙ୍କଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା , ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କହିଲେ ଯେ ଜନ ଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ, ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନ କୁ ସ୍ଥଗିତ ନ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଅଭିଯୋଗ ଗୁଡ଼ିକୁ ସରକାର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୯୦ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୭୭ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୧୩ ଗୋଟି ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତତ୍କାଳ ୦୫ ଗୋଟି ଅଭିଯୋଗ ର ସମାଧାନ କରିଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଟାଙ୍ଗୀ ବ୍ଲକ ର ଓରାଡୋ ଗ୍ରାମ ପଂଚାୟତ ର ଗଙ୍ଗାଧର ମୁଦୁଲି ଙ୍କୁ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ ।ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କୁଅଁର, ସମସ୍ତ ବି ଡି ଓ, ତହସିଲଦାର ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇଥିଲେ ।

# ବାଲେଶ୍ୱର ଶ୍ରୀକଣ୍ଠପୁରରେ ଅଷ୍ଟପ୍ରହରୀ ନାମଯଜ୍ଞ ମହାସମାରୋହରେ ପାଳିତ

ବାଲେଶ୍ୱର, ୨/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଶ୍ରୀକଣ୍ଠପୁରରେ ଶ୍ରୀକଣ୍ଠପୁର ଡେଭଲପମେଣ୍ଟ କମିଟି ଦ୍ୱାରା ଅଷ୍ଟପ୍ରହରୀ ନାମଯଜ୍ଞ ସଭାପତି, ବରିଷ୍ଠ ଆଇନଜୀବୀ ଓ ସମାଜସେବୀ ବିରେନ୍ଦ୍ର କୁମାର ସେନାପତି ସଭାପତିତ୍ତ୍ୱରେ ପାଳିତ ହେଇଯାଇଛି। ଏହି ଅଷ୍ଟମ ପ୍ରହରୀ ନାମ ଯଜ୍ଞ ୨୦୧୧ ମସିହାରୁ ଆରମ୍ଭ ହୋଇ ଆସୁଛି । କମିଟିର ସାଧାରଣ ସମ୍ପାଦକ ଅଟଳ ବିହାରି ଦାସ , ଉପସଭାପତି ପ୍ରଭାତ କୁମାର ଜେନା , ସମ୍ପାଦକ ସତ୍ୟ ରଞ୍ଜନ ରାଉତ ଉପଦେଷ୍ଟା ଯୁଧିଷ୍ଠିର ନାୟକ , କୋଷାଧ୍ୟକ୍ଷ ଅରୁଣ କୁମାର ବାରିକ , ଉପ କୋଷାଧ୍ୟକ୍ଷ



ବସନ୍ତ କୁମାର ମହାନ୍ତି ନେତୃତ୍ୱରେ ସାଇ ମନ୍ଦିର ପ୍ରାଙ୍ଗଣରେ ୨୩ ତାରିଖରେ କଳସ ଯାତ୍ରା ବାହାରି ନଗର ପରିକ୍ରମା କରି ଘଟ ବୁଡ଼ାଇ ଯଜ୍ଞ ସ୍ଥଳରେ ଘଟ ସ୍ଥାପନ କରିଥିଲେ । ୩ ଦିନ ବ୍ୟାପୀ ନାମ , ଯଜ୍ଞ , ହୋମ , ହରିସଙ୍କିର୍ତନ୍ ହୋଇଥିଲା । ଅନୁଷ୍ଠାନର ୩ ଦିନ ବ୍ୟାପୀ ପ୍ରସାଦ ସେବନ ଦିନ ଓ ରାତିରେ ବ୍ୟବସ୍ଥା ହୋଇଥିଲା । ୨୫ ତାରିଖରେ ହରିନମ ଶେଷ ହୋଇଥିଲା। ସଭାପତି ବିରେନ୍ଦ୍ର କୁମାର ସେନାପତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଶ୍ରୀ କଣ୍ଠପୂର ପ୍ରତ୍ୟେକ ଜନସାଧାରଣ ଉନ୍ନତି ମଙ୍ଗଳ କାମନା ସଙ୍ଗେ ସଙ୍ଗେ ବାଲେଶ୍ୱର ମଙ୍ଗଳ ହେବ ଓ ଧର୍ମ ସଂସ୍କୃତି , ସନାତନ ଧର୍ମ ଉଦ୍ ଜୀବିତ ହୋଇ ରହିବ ବୋଲି ଏହି ଅଷ୍ଟମ ପ୍ରହରୀ ଓ ନାମ ଯଜ୍ଞ ର ଉଦ୍ଦେଶ୍ୟ ଥିଲା ବୋଲି କହିଥିଲେ। ଶ୍ରୀ କଣ୍ଠପୁର ରେ ପ୍ରେତ୍ୟେକ୍ ଜନସାଧାରଣ ଏକତ୍ରିତ ହୋଇ ଏହି କାର୍ଯ୍ୟ କ୍ରମକୁ ୩ ଦିନ ବ୍ୟାପୀ ଉପଭୋଗ କରୁଥିଲେ । ଏହି କାର୍ଯ୍ୟ କ୍ରମକୁ ସିଦ୍ଧେଶ୍ୱର ସାହୁ , ଅଜୟ କୁମାର ଷଡଙ୍ଗୀ , ଅରବିନ୍ଦ ବାରିକ , ଗଣେଶ ନାରାୟଣ ପ୍ରହରାଜ , ଜୟ କୃଷ୍ଣ ବେହେରା , ଗୌରାଙ୍ଗ ପୃଷ୍ଟି , ବିଜୟ କୁମାର ରାଉତ , ନିହାର ସେନାପତି , ଶରତ ଚନ୍ଦ୍ର ମହାପାତ୍ର , ସତ୍ୟବ୍ରତ ମିଶ୍ର , ଯଗେଶ୍ୱର ପ୍ରଧାନ , ଜ୍ଞାନ ରଞ୍ଜନ ଜେନା , ରମାକାନ୍ତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜ୍ଞାନଶ୍ରୀ ପକ୍ଷରୁ ୧୪ତମ ରାଜ୍ୟସ୍ତରୀୟ ପ୍ରଣାମ ପ୍ରତିଭା ଉତ୍ସବ ଆୟୋଜିତ



ବାଲେଶ୍ୱର, ୨/୨ (ନି.ପ୍ର): ବାଲେଶ୍ୱର ର ଅଗ୍ରଣୀ ସାମାଜିକ ସଂଗଠନ ଜ୍ଞାନ ଶ୍ରୀ ପକ୍ଷରୁ ଗତ ଏକ ତାରିଖ ଦିନ ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ 'ପ୍ରଣାମ ପ୍ରତିଭା 'ଉତ୍ସବ ଦିବସବ୍ୟାପି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସେଲିବ୍ରେସନ କଲ୍ୟାଣ ମଣ୍ଡପ ରେ ସାନ୍ଧ୍ୟକାଳୀନ ସମାରୋହ ଜ୍ଞାନ ଶ୍ରୀ ସଂଗଠନ ର ସଭାପତି ସୁବାସିନୀ ଜେନା ଙ୍କ ପୌରହିତ୍ୟ ରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ପଦ୍ମ ଶ୍ରୀ ଚରଣ ହେମ୍ବ୍ରମ ଉଦଘାଟନ କରି ଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରସ୍ତର ଶିଳ୍ପୀ ଅଦ୍ୱୈତ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ଆଇଟିଆର ର ଅତିରିକ୍ତ ସହଯୋଗୀ ନିର୍ଦ୍ଦେଶକ ନୀଳାଦ୍ରି ରାୟ, ଫକୀରମୋହନ ଯୁକ୍ତ ଦୁଇ କଲେଜ ର ଉପାଧକ୍ଷ ଡ଼. ସନ୍ତୋଷ କୁମାର ରାଉତ, ସଂଗଠନ ର ମୁଖ୍ୟ ଉପଦେଷ୍ଟା କବି ପ୍ରଶାନ୍ତ ଦାସ,ସଂଗଠନ ର ବରିଷ୍ଠ କର୍ମକର୍ତ୍ତା ଲକ୍ଷ୍ମୀ ନାରାୟଣ ମହାନ୍ତି, ସଂଜୀବ ନାୟକ, କେଶୁ ଦାସ, ସୁରେଶ ଗିରି ପ୍ରମୁଖ ଯୋଗ ଦେଇଥିଲେ ।ସଂଗଠନ ର ସାଧାରଣ ସମ୍ପାଦକ ପ୍ରଶାନ୍ତ ପଟେଲ ମଞ୍ଚ ପରିଚାଳନା କରିଥିଲେ। ଶେଷ ରେ ସଂଗଠନ ର ଆଇନ ପରାମର୍ଶଦାତା ସାଇରୁଲ ହକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସର ରେ ଅଦ୍ୱୈତ ଗଡ଼ନାୟକ ଙ୍କୁ ଜ୍ଞାନଶ୍ରୀ ମହାସମ୍ମାନ ଓ ସୁବର୍ଣ୍ଣ ଦେହୁରୀ ଙ୍କୁ ଜ୍ଞାନଶ୍ରୀ ପ୍ରକୃତି ମିତ୍ର ସମ୍ମାନ,ଅଥଲେଟ ଦୂତୀ ଚାନ୍ଦ ଙ୍କୁ ଜ୍ଞାନଶ୍ରୀ କ୍ରୀଡା ସମ୍ମାନ, ଚଳଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତ ଙ୍କୁ ଜ୍ଞାନଶ୍ରୀ କଳା ପ୍ରତିଭା ସମ୍ମାନ, ଦେବଜ୍ୟୋତି ଦାସମହାପାତ୍ର ଙ୍କୁ ବିକାଶ ଦାସ ସ୍ମୃତି ସମ୍ମାନ, ଲିପସିତା ସାହୁ ଙ୍କୁ ଦିଲ୍ଲୀପ ନାୟକ ସ୍ମୃତି ସମ୍ମାନ,କଣ୍ଠ ଶିଳ୍ପୀ ଆର ଆର ଜ୍ୟୋତି ବିକାଶ,ହୃଷିକେଶ ମହାର୍ଣ୍ଣା ଓ ଅଭିନେତ୍ରୀ ସଞ୍ଜନା ପ୍ରଧାନ ଙ୍କୁ ଜ୍ଞାନଶ୍ରୀ ଯୁବ ପ୍ରତିଭା ସମ୍ମାନ,ଡାକ୍ତର ରବି ନାରାୟଣ ଦାସ ଙ୍କୁ ଜ୍ଞାନଶ୍ରୀ ସ୍ୱାସ୍ଥ୍ୟ ମିତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବାହ୍ନ ମିସାଇଲ ସିଟି ସିଂଗିଂଗ ସୁପର ଷ୍ଟାର, ଡ୍ୟାନସିଂ ସୁପର ଷ୍ଟାର, ଏକ୍ଟିଙ୍ଗ ସୁପର ଷ୍ଟାର ଏବଂ ପେଣ୍ଟିଙ୍ଗ ସୁପର ଷ୍ଟାର ର ଗ୍ରାଣ୍ଡ ଫିନାଲେ କୁ ଅନୁଗୁଳ ର ବର୍ଷିଯାନ ପ୍ରକୃତି କବୀ ତଥା ପରିବେଶ ପ୍ରେମୀ ସୁବର୍ଣ୍ଣ ଦେହୁରୀ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଶ୍ରଦ୍ଧାଞ୍ଜଳି ରାୟ, ସିମନ ଦାସ ମହାପାତ୍ର, ଶୁଭମ ସାଇ ମହାପାତ୍ର, ଜୋସ୍ନା ସେନାପତି ପ୍ରମୁଖ ଯୋଗ ଦେଇଥିଲେ ।ପ୍ରଶାନ୍ତ ପଟେଲ ଅତିଥି ପରିଚୟ ଦେଇଥିବା ବେଳେ ସଂଗଠନ ର ମିଡ଼ିଆ ସଂଯୋଜକ ଅଜିମ ବାଲେଶ୍ୱରୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ଉପସଭାପତି ତଥା ରେମୁଣା ବ୍ଲକ ର ଚେୟାମ୍ୟାନ ରାଜେନ୍ଦ୍ର ରାଉତ ପୌରହିତ୍ୟ କରିଥିଲେ ।ସନ୍ଧ୍ୟା ଅଧିବେଶନ ରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି ସମଗ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ଜ୍ୟୋତି ପ୍ରକାଶ ପାଢ଼ୀ, ସହ ସମ୍ପାଦିକା ଜ୍ୟୋତି ପ୍ରଜ୍ଞା ଦାସ, ମୋନାଲିସା ପଣ୍ଡା ସନତ କୁମାର ପରିଡା ପ୍ରମୁଖ।

# ଐତିହାସିକ ପତିରାଜପୁର ମେଳା ପ୍ରସ୍ତୁତି ବୈଠକ

ଖଇରା, ୨/୨ (ନି.ପ୍ର): ବାଲେଶ୍ୱର ଜିଲା ପ୍ରସିଦ୍ଧ ପତିରାଜପୁର ମେଳା ଆଉ ୧ମାସ ଥିବା ବେଳେ ଏବେ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ମେଳା ମଣ୍ଡପରେ ପିତାମ୍ବର ପଟ୍ଟନାୟକଙ୍କ ପୌରହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାତ୍ରୀଙ୍କ ଆଗମନ ତଥା ଯାତାୟାତକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଡିଜେ ସମ୍ପୁର୍ଣ୍ଣ ନିଶିଦ୍ଧ ରଖିବା ତଥା ପୁର୍ବରୁ ଯାତ୍ରା ହେଉଥିବା ପଡିଆରେ ପ୍ରବଳ ଜନସମାଗମକୁ କୁ ଗୁରୁତ୍ୱ ଦିଆଯାଇ ଏଥରେ ଏହି ପଡିଆରେ ଯାତ୍ରା ପରିବେଷଣ ପାଇଁ ଅନୁମତି ଦିଆନଯିବାକୁ ନିଷ୍ପତ୍ତି ନିଆଯାଇଛି । ଏବଂ ଏ ସଂକ୍ରାନ୍ତରେ କମିଟି ତରଫରୁ ଖଇରା ପୋଲିସକୁ ଅବଗତ କରାଯିବ । ଚଳିତ ବର୍ଷ କିଛି ଦିବଂଗତ ସଦସ୍ୟଙ୍କ ସ୍ଥାନରେ ନୂତନ ସଦସ୍ୟ ଗ୍ରହଣ କରାଯାଇଥିବା ବେଳେ ରାଧାକୃଷ୍ଣ ମନ୍ଦିର ସମ୍ପୁର୍ଣ୍ଣ ଉପରେ ଅନ୍ୟମନ୍ଦିର ମାଲିକଙ୍କ ସହଯୋଗ କାମନା କରାଯାଇଥିଲା । ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ଉପସଭାପତି ପ୍ରତାପ କୁମାର ପଣ୍ଡା,ସମ୍ପାଦକ ଗୌରାଙ୍ଗ ପାଣି, ନିର୍ମଳ ଚନ୍ଦ୍ର ପଣ୍ଡା,ସମ୍ପଦ ଘଡେଇ,କ୍ଷେତ୍ରମୋହନ ଖଟୁଆ, ବାଳକୃଷ୍ଣ ଦାଶ,ପ୍ରଦୀପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ସୋସିଆଲ ମିଡିଆ ବିଗାଡୁଛି ମାନସିକ ସ୍ୱାସ୍ଥ୍ୟ



ମାନସିକ ସ୍ୱାସ୍ଥ୍ୟ ଉପରେ ସୋସିଆଲ ମିଡ଼ିଆର ପ୍ରଭାବ

## ଲାଇକ୍, ସେୟାର କମିଗଲେ ଗ୍ରହଣ କରିବା ହେଉନି ସହଜ

- -ସକାଳେ ଉଠିବା ମାତ୍ରେ ପ୍ରଥମେ ମୋବାଇଲ୍ ଖୋଜନ୍ତି ଯୁବପିଢ଼ି
- -ଇନଷ୍ଟାଗ୍ରାମରେ ଫଟୋ ଅପଲୋଡ୍ ସହ ଫେସ୍‌ବୁକରେ କରନ୍ତି ଷ୍ଟାଟସ୍ ଅପଡେଟ୍
- -ପୂର୍ବରୁ ସୋସିଆଲ୍ ମିଡିଆ ସମ୍ପର୍କ ଯୋଡ଼ିବାର ଏକ ମାଧ୍ୟମ ଥିଲା
- - ଧୀରେ ଧୀରେ ଏହି ଧାରାରେ ପରିବର୍ତ୍ତନ ଆସିଛି
- -ସୋସିଆଲ ମିଡିଆରେ ଏବେ ଲାଇକ, ସେୟାରର ଲଢ଼େଇ ଚାଲିଛି
- -ଏହାଦ୍ୱାରା ବନ୍ଧୁ ମାନଙ୍କ ମଧ୍ୟରେ ସମ୍ପର୍କ ବିଗିଡୁଥିବା ଦେଖିବାକୁ ମିଳୁଛି

ପାଗଳ କରୁଛି ସୋସିଆଲ ମିଡିଆ । ଆଜିକାଲିର ଯୁବପିଢ଼ିମାନଙ୍କ ପାଇଁ ସୋସିଆଲ ମିଡ଼ିଆ ବ୍ୟବହାର କରିବା ଯାହା ଦୈନନ୍ଦିନ ଜୀବନରେ ଖାଇବା, ପିଇବା, ନିଶ୍ୱାସ,ପ୍ରଶ୍ୱାସ ନେବା ତାହା । ସକାଳେ ନିଦ ଭାଙ୍ଗିବା ଠାରୁ ଆରମ୍ଭ କରି ରାତିରେ ଶୋଇବା ଯାଏ ସୋସିଆଲ ମିଡିଆ ସ୍କ୍ରଲ କରିବା, ଷ୍ଟୋରୀ ଅପଲୋଡ କରିବା ଓ ଷ୍ଟାଟସ୍ ଅପଡେଟ୍ କରିବାକୁ ଭୁଲୁନାହାନ୍ତି ଯୁବପିଢ଼ି । ସୋସିଆଲ ମିଡ଼ିଆ ମାଧ୍ୟମରେ ଦେଶ ଦୁନିଆ ବାବଦରେ ଚୁଟକିରେ ଖବର ମିଳୁଛି ସତ, ହେଲେ ଏହାର କେତେକ ଅପକାରିତା ମଣିଷର ଜୀଇଁବାର ଶୈଳୀକୁ ବିଗାଡ଼ି ଦେଇଛି । ସୋସିଆଲ୍ ମିଡିଆର ଅଭ୍ୟାସଗୁଡ଼ିକ ଧୀରେ ଧୀରେ ମନୋଭାବକୁ ପ୍ରଭାବିତ କରିବା ସହ ମାନସିକ ସ୍ୱାସ୍ଥ୍ୟକୁ ମଧ ଖରାପ କରୁଛି ।

କେବଳ ଲାଇକ୍ ସେୟାର ନୁହେଁ, ସୋସିଆଲ ମିଡ଼ିଆ ବ୍ୟବହାରକାରୀମାନେ ନିଜ ଜୀବନକୁ ଏହାକୁ ନେଇ ମୂଲ୍ୟାଙ୍କନ କରିବା ଆରମ୍ଭ କରିଦେଇଛନ୍ତି । ପ୍ରତ୍ୟେକ ଲାଇକ୍ ଏବଂ କମେଣ୍ଟରେ ମସ୍ତିଷ୍କକୁ ଏକ ଛୋଟ ଖୁସି ମିଳିଥାଏ



ଏବଂ ଧୀରେ ଧୀରେ ଏହା ଏକ ନିଶା ପରି ହୋଇଯାଏ । ଯଦି ପୋଷ୍ଟକୁ କମ୍ ଲାଇକ୍ ମିଳେ, ମନ ଓ ମସ୍ତିଷ୍କ ଉପରେ ଏହାର ପ୍ରଭାବ ପଡ଼ିଥାଏ । ଯାହଦ୍ୱାରା ମାନସିକ ଚାପ, ଚିନ୍ତା ଏବଂ କେତେକ ସମୟରେ ଅବସାଦ ଭଳି ଅବସ୍ଥା ଦେଇ ଗତି କରିବାକୁ ପଡ଼େ । ଏଭଳି ସ୍ଥିତିରେ ଭୁଲ୍ ନିଷ୍ପତ୍ତି ନେବାକୁ ମଧ ଆଜିର ମଣିଷ ପଛଘୁଞ୍ଚା ଦେଇନଥାଏ । ସୋସିଆଲ ମିଡିଆକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ିବାର ଆବଶ୍ୟକତା ନାହିଁ, କିନ୍ତୁ ଏହାକୁ ସନ୍ତୁଳିତ ଭାବରେ ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ । ଦିନରେ ସୋସିଆଲ ମିଡିଆ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖିବା ଉଚିତ, ଅନାବଶ୍ୟକ ସ୍କ୍ରଲିଂ ଏଡ଼ାଇବା ସହ ଶୋଇବା ପୂର୍ବରୁ ଫୋନ୍ ବ୍ୟବହାର ଅଭ୍ୟାସ ତ୍ୟାଗ କଲେ ସୋସିଆଲ ମିଡ଼ିଆ ସିଣ୍ଡ୍ରୋମରୁ ମିଳିପାରିବ ମୁକ୍ତି ।

# ସ୍ୱାସ୍ଥ୍ୟ ପାଇଁ ନୂଆ ଆଶା : କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗର ବଢ଼ୁଛି ଚାହିଦା



## କୃତ୍ରିମ ଅଙ୍ଗ ପ୍ରତିରୋପଣ ନୁହେଁ ସହଜ

- -ପ୍ରତିରୋପଣ କରିବା ପୂର୍ବରୁ ଅନେକ ପ୍ରକାରର ପରୀକ୍ଷା ହୁଏ
- -ରିପୋର୍ଟ ସ୍ୱାଭାବିକ ହେଲେ ହିଁ ଏଗୁଡ଼ିକୁ ପ୍ରତିରୋପଣ କରାଯାଏ
- -ପ୍ରତିରୋପଣ ପରେ ଅଙ୍ଗଗୁଡ଼ିକର ପ୍ରତିକ୍ରିୟା ଉପରେ ନଜର ରଖାଯାଏ
- -ବ୍ୟକ୍ତି ସେଗୁଡ଼ିକୁ କିପରି ପରିଚାଳନା କରେ ତାହା ମଧ ଦେଖାଯାଏ

ଜନ୍ମଗତ ହେଉ ଅବା ଦୁର୍ଘଟଣା ଜନିତ କାରଣରୁ ମଣିଷ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ହରାଇଥାଏ । ଜନ୍ମରୁ କାହାର ହାତ, ଗୋଡ଼ ନଥାଏ ତ ଆଉ କାହାର ଦୁର୍ଘଟଣାରେ ଅଙ୍ଗ ନଷ୍ଟ ହୋଇଯାଏ । ପୂର୍ବରୁ ଯଦି ଜଣେ ବ୍ୟକ୍ତିର ଶରୀରରେ କୌଣସି ଅଙ୍ଗ କ୍ଷତିଗ୍ରସ୍ତ ହେଉଥିଲା, ସେତେବେଳେ ଏହାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଉପଯୁକ୍ତ ଅଙ୍ଗ ଦ୍ୱାରା ବଦଳା ଯାଉଥିଲା । ଯାହାକୁ ଅଙ୍ଗ ପ୍ରତିରୋପଣ କୁହାଯାଏ । କେତେକ କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ କରାଯାଇଥାଏ । ଆଉ କେତେବେଳେ ଏଥିପାଇଁ ଅପରପକ୍ଷଙ୍କୁ ରାଜି କରାଇବାକୁ ପଡ଼େ । ତେବେ ଏସବୁ ସମସ୍ୟାର ସମାଧାନ ଦିଗରେ କୃତ୍ରିମ ଅଙ୍ଗ ନୂତନ ଆଶା ସୃଷ୍ଟି କରିଛି । ଏଗୁଡ଼ିକୁ ଜଣେ ବ୍ୟକ୍ତିଙ୍କ ଶରୀରରେ କ୍ଷତିଗ୍ରସ୍ତ ଅଙ୍ଗ ସ୍ଥାନରେ ଲଗାଯାଇଥାଏ । ଏହା ବ୍ୟକ୍ତିଙ୍କ ଜୀବନକୁ ଉନ୍ନତ କରିବା ସହ ଜୀବନ ପ୍ରତି ବିପଦକୁ ମଧ ହ୍ରାସ କରିଥାଏ ।

ଏକ କୃତ୍ରିମ ଅଙ୍ଗ କିପରି କାର୍ଯ୍ୟ କରେ ତାହା କେଉଁ ଅଙ୍ଗ ସ୍ଥାନରେ ଲଗାଯାଉଛି ତାହା ଉପରେ ନିର୍ଭର କରେ । ଏହାର ମୁଖ୍ୟ କାର୍ଯ୍ୟ ହେଉଛି ଏକ ପ୍ରକୃତ ଅଙ୍ଗ ପରି କାମ କରିବା । ଉଦାହରଣ ସ୍ୱରୂପ, ଯଦି କେହି ଏକ କୃତ୍ରିମ ହୃଦୟ ଲଗାଇଥା'ନ୍ତି ,ତେବେ ଏହାର କାର୍ଯ୍ୟ ହେଉଛି ରକ୍ତ ପମ୍ପ କରିବା । ଏଥିପାଇଁ ଏକ ପମ୍ପିଂ ସିଷ୍ଟମ୍ ଏବଂ ବ୍ୟାଟେରୀ ଅଛି ଯାହା ସମଗ୍ର ଶରୀରକୁ ରକ୍ତ ପଠାଇଥାଏ । ଏହାକୁ ଛାତିରେ ପ୍ରତିରୋପଣ କରାଯାଏ ଯେଉଁଠାରେ ହୃଦୟ ଥାଏ । ସେହିପରି କୃତ୍ରିମ କିଡନିରେ ରକ୍ତକୁ ବିଶୋଧିତ କରିବାକୁ ବ୍ୟବସ୍ଥା ରହିଥିବା ବେଳେ ଆଖି ପାଇଁ କୃତ୍ରିମ କର୍ଣ୍ଣିଆ ରହିଥାଏ । ତେବେ ପ୍ରତ୍ୟେକ ଆବଶ୍ୟକତା ଥିବା ବ୍ୟକ୍ତିଙ୍କଠାରେ ସହଜରେ ପ୍ରତିରୋପଣ ହୋଇପାରିନଥାଏ, ଜାଣନ୍ତୁ ଏହାର କାରଣ ।

୨୦୨୪ ଗ୍ଲୋବାଲ ଡାଟା ରିପୋର୍ଟ ଅନୁଯାୟୀ, ୨୧ଟି କୃତ୍ରିମ ଫୁସଫୁସ୍ ବିଶ୍ୱରେ ବିଭିନ୍ନ ବିକାଶ ପର୍ଯ୍ୟାୟରେ ରହିଛି । ଏଥିମଧ୍ୟରୁ ୭ଟି ସକ୍ରିୟ ବିକାଶ ପର୍ଯ୍ୟାୟରେ ଅଛି । ଯଦି ଏହା ସଫଳ ହୁଏ, ତେବେ ଲୋକଙ୍କଠାରେ କୃତ୍ରିମ ଫୁସଫୁସ୍ ମଧ ପ୍ରତିରୋପଣ କରାଯାଇପାରିବ । ତଥାପି ବିପଜ୍ଜନକ ପରିସ୍ଥିତିରେ ଲୋକଙ୍କୁ ଇଉଗଡ ଅର୍ଥାତ୍ କୃତ୍ରିମ ଫୁସଫୁସ୍ ସହାୟତା ପ୍ରଦାନ କରାଯାଏ । କିନ୍ତୁ ଏପର୍ଯ୍ୟନ୍ତ ଶରୀରରେ ଏହାର ସ୍ଥାୟୀ ପ୍ରତିରୋପଣ କରାଯିବା ସମ୍ଭବ ହୋଇପାରିନାହିଁ ।

# ସୋୟା କଟ୍‌ଲେଟ୍: ଜାଣନ୍ତୁ କେମିତି କରିବେ ପ୍ରସ୍ତୁତି



ଆବଶ୍ୟକ ସାମଗ୍ରୀ: ସୋୟାବିନ୍- ୫୦ ଗ୍ରାମ୍, ଆଳୁ- ୫୦ ଗ୍ରାମ୍ (ସିଝା), ଗରମ ମସଲା- ଅଧା ଚାମଚ, ଧନିଆପତ୍ର- ଅଳ୍ପ, ଗୋଲମରିଚ ଗୁଣ୍ଡ- ଅଳ୍ପ, ଗାଜର- ୨ ବଡ଼ ଚାମଚ (କଟା), ବ୍ରେଡ୍ ଗୁଣ୍ଡ- ଅଳ୍ପ, ବେସନ- ୨ ଚାମଚ, ରସୁଣ- ୧ ଚାମଚ (କଟା), ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ସୋୟାବିନ୍‌କୁ ଗରମପାଣିରେ କିଛି ସମୟ ଭିଜାଇ କାଢ଼ି ରଖନ୍ତୁ । ଆଳୁକୁ ସିଝାଇ ସେଥିରୁ ଚୋପାର ବାହାର କରିଦିଅନ୍ତୁ । ଗାଜରକୁ ଛୋଟ ଛୋଟ କାଟି ରଖନ୍ତୁ । ଏକ ପାତ୍ରରେ ପ୍ରଥମେ ବେସନରେ ଲୁଣ ଓ ପାଣି ମିଶାଇ ଏକ ଗାଢ଼ ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ସିଝା ଆଳୁ ସହ କଟା ଗାଜର ଓ ଅନ୍ୟ ସମସ୍ତ ମସଲାଗୁଣ୍ଡ, ଲୁଣ, ହଳଦୀ ଆଦି ପକାନ୍ତୁ । ସୋୟାବିନ୍‌କୁ ଛୋଟ ଛୋଟ କରି ଏଥିରେ ପକାଇ ଭଲଭାବେ ଚକଟି ନିଅନ୍ତୁ । ଏହି ମିଶ୍ରଣକୁ ହାତରେ ଛୋଟ ଛୋଟ ଗୋଲକରି ରଖନ୍ତୁ । ଏହାପରେ ଛାଣିବା ପାଇଁ କଡ଼େଇରେ ତେଲ ଗରମ କରନ୍ତୁ । ତେଲ ଭଲଭାବେ ଗରମ ହୋଇଗଲେ ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ପ୍ରଥମେ ବେସନ ଘୋଳରେ ବୁଡ଼ାଇ ତା'ପରେ ବ୍ରେଡ୍ ଗୁଣ୍ଡରେ ଗଡ଼ାଇ ଛାଣିନିଅନ୍ତୁ । ଏବେ ଏହି କଟ୍‌ଲେଟଗୁଡ଼ିକୁ ଚଟଣି କିମ୍ବା ସସ୍ ସହ ଖାଆନ୍ତୁ ।

# ମୋଟାପଣକୁ କମ୍ ଦେଖାଇଥାଏ ଏହି କଲର ଆଉଟ୍‌ଫିଟ୍

**ଷ୍ଟାଇଲିଶ୍ ଓ ଗ୍ଲାମର୍ସ ଦେଖାଯିବା ପାଇଁ ହେଲେ ପ୍ରଥମେ ନିଜ ଆଉଟ୍‌ଫିଟ୍ ଉପରେ ଧ୍ୟାନଦେବାକୁ ହେବ । ତେବେ ବ୍ଲାକ୍ କଲର ଆଉଟ୍‌ଫିଟ୍ ମୋଟାପଣକୁ କମ୍ ଦେଖାଇଥାଏ । ତେଣୁ ପ୍ଲସ୍ ସାଇଜ୍ ମହିଳା ଏହି ରଙ୍ଗର ବିଭିନ୍ନ ଡିଜାଇନ ଆପଣାଇ ପାରିବେ...**



ବ୍ଲାକ୍ କଲର ଡ୍ରେସ୍ କିଣୁଥିଲେ ପ୍ରିଣ୍ଟେଡ୍‌ର ଲମ୍ବା ଡ୍ରେସ୍ କିଣନ୍ତୁ । ଏଭଳି ଡ୍ରେସ୍ ପିନ୍ଧିଲେ ପତଳା ଦେଖାଯିବେ । ଯଦି ହାଇଟ୍ ଠିକ୍ ଥିବ ଓ ପ୍ଲସ୍ ସାଇଜ୍ ହୋଇଥିବ ତା'ହେଲେ ଭର୍ଟିକାଲ ଲାଇନ୍ ପ୍ରିଣ୍ଟଥିବା ଡ୍ରେସ୍ ପିନ୍ଧନ୍ତୁ । ବ୍ଲାକ୍‌ର ବେଲ୍ଟ ଡ୍ରେସ୍ ମଧ ପ୍ଲସ୍ ସାଇଜ୍ ମହିଳାଙ୍କୁ ଭଲ ଲାଗିବ । ଏଭଳି ଡ୍ରେସ୍‌ରେ ବଡି ଫ୍ୟାଟ୍ କମ୍ ଲାଗିବ । ତେବେ ମୋଟା ବେଲ୍ଟ ପିନ୍ଧନ୍ତୁ, କିଛି ମାତ୍ରାରେ ପେଟ ଚାପି ହୋଇ ଛୋଟ ଲାଗିବ । କଟନ୍ ଓ ଡେନିମ୍ ଫାବ୍ରିକ୍‌ର ଡ୍ରେସ୍ ପିନ୍ଧନ୍ତୁ ନାହିଁ, ଏଥିରେ ଅଧିକ ମୋଟା ଜଣାପଡ଼ିବ । ଲାଇଲନ୍ କ୍ରେପ୍ ଓ ଶିଫନ୍ ଭଳି ଫାବ୍ରିକ୍‌ର ଫିଟିଂ ଡ୍ରେସ୍ ପିନ୍ଧନ୍ତୁ, ପତଳା ଦେଖାଯିବେ । ବ୍ଲାକ୍ ଶାଢ଼ିରେ ମଧ ମୋଟାପଣକୁ କିଛି ମାତ୍ରାରେ ଲୁଚାଇ ହେବ । ଶାଢ଼ିରେ ମଧ ଭର୍ଟିକାଲ୍ ପ୍ରିଣ୍ଟ ପିନ୍ଧନ୍ତୁ ଅଧିକ ପତଳା ଲାଗିବେ । ତେବେ ଶାଢ଼ି ପିନ୍ଧିବା ସମୟରେ ପେଟିକୋଟ୍ ଠିକ୍ ଭାବେ ବାନ୍ଧନ୍ତୁ ନଚେତ୍ ମୋଟା ଲାଗିବେ ।

# ଓଜନ ହ୍ରାସ ପାଇଁ ଚିନ୍ତିତ କି ? ତେବେ ଆପଣାନ୍ତୁ ଏହି ଉପାୟ ...





ସମସ୍ତେ ଆଜିକାଲି ଦୁନିଆ ରେ ଫିଟ୍ ରହିବା ପାଇଁ ଚାହାଁନ୍ତି ସେଥିପାଇଁ ଜିମ୍ ଯିବା ସହ ସକାଳୁ ବ୍ୟାୟାମ କରିବା ସୁସ୍ଥ ଖାଦ୍ୟ ଖାଇବା ଉପରେ ଧ୍ୟାନ ଦେଉଛନ୍ତି ଯୁବପିଢି । କିନ୍ତୁ ଆମର ଜୀବନଶୈଳୀ ଆଉ ମାନସିକ ଚିନ୍ତା ଯୋଗୁଁ ଏହାର ପ୍ରଭାବ ମଧ ଆମ ଶରୀର ଉପରେ ପଡିଥାଏ । ଆଜିକାଲି ଓଜନ ହ୍ରାସ ନିଶା ସଭିଙ୍କୁ ଘାରିଛି । ସଭିଏଁ ଚାହାନ୍ତି ଫିଟ୍ ରହିବାକୁ । ମାତ୍ର ଖାଦ୍ୟକୁ ନିୟନ୍ତ୍ରଣରେ ରଖି ଫିଟ୍ ରହିବାକୁ କେହି ବି ଚାହାନ୍ତି ନାହିଁ । ସଭିଏଁ ଚାହାନ୍ତି ଆମେ ସବୁ ସ୍ୱାଦିଷ୍ଟ ଜିନିଷ ଖାଇବା ପରେ ଯେପରି ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରୁ ।

ତେବେ ଏପରି କିଛି ଖାଦ୍ୟ ଅଛି ଯାହାକୁ ଆପଣ ଖାଇବା ପୂର୍ବରୁ ଗ୍ରହଣ କରିବା ଦ୍ୱାରା ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ ।

କିଛି ଲୋକଙ୍କ କହିବା ମୁତାବକ କିଛି ଖାଇବା ମାତ୍ରେ ତୁରନ୍ତ ସେମାନଙ୍କ ଓଜନ ବଢ଼ିଯାଏ । ଓଜନ କମାଇବା ଚକ୍କରରେ ଅନେକ ସମୟରେ ନିଜ ପ୍ରିୟ ଖାଦ୍ୟକୁ ବି ତ୍ୟାଗ କରିବାକୁ ବି ପଡ଼ିଥାଏ । ମାତ୍ର ଏପରି କେତେ ଦିନ ବା କରିହେବ, କେତେ ଦିନ ବା ଖାଇବା ଉପରେ ଆୟତ୍ତ ରଖିବେ ଆପଣ ? ଏମିତି ବି ହୁଏ ଖାଦ୍ୟ କମାଇବା ଦ୍ୱାରା ଗ୍ୟାସ୍ ହେତୁ ମୋଟାପଣ ବଢ଼ିଥାଏ ।

ତେଣୁ, ଖାଇବା କମାଇ ଓଜନ କମାଇବା ଚିନ୍ତା କରିବା ନିହାତି ଭୁଲ୍ ନିଷ୍ପତ୍ତି । ଆପଣ ଯଦି ନିଜ ଓଜନ କମାଇବାକୁ ଚାହାନ୍ତି ତ ନିମ୍ନରେ ଯେଉଁ ସୁପ୍ ବିଷୟରେ ଲେଖାଯାଇଛି ତାହାକୁ ପ୍ରତିଦିନ ଖାଇବା ପୂର୍ବରୁ ପିଅନ୍ତୁ । ପ୍ରଥମେ ୩ଟି ବିଲାତି ବାଇଗଣ, ୩ଟି ଗାଜର, ଏକ ଫୁଲକୋବି, ୬ଟି ପିଆଜ ନିଅନ୍ତୁ । ତାହାକୁ ଖୁବ୍ ସାନ ସାନ କରି କାଟିଦିଅନ୍ତୁ । ଏହା ସହିତ ୩ ବିଡ଼ା ଧନିଆ ପତ୍ର ବି କାଟିକି ରଖନ୍ତୁ । ପାରୁଛନ୍ତି ଯଦି ଅଧା ଗିନା ବିନ୍ସ କଟା ବି ନିଅନ୍ତୁ । ସବୁକୁ ମିଶାଇ ପାଣି ଦେଇ ସିଝେଇ ଦିଅନ୍ତୁ । ସେଥିରେ ଆବଶ୍ୟକ ପରିମାଣର ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ ଦିଅନ୍ତୁ । ନିଜର ରୁଚି ଅନୁସାରେ ପାଣି ମାରିପାରନ୍ତି କିମ୍ବା ଅଧିକ ବି ଦେଇପାରନ୍ତି । ଏହି ସୁପ୍‌କୁ ଖାଦ୍ୟ ଖାଇବାର ୧୦ ମିନିଟ୍ ପୂର୍ବରୁ ପିଅନ୍ତୁ । ପାରୁଛନ୍ତି ଯଦି ରାତିରେ ଆଉ କିଛି ନଖାଇ ଏହାକୁ ପିଇକି ଶୋଇପାରନ୍ତି । ପ୍ରତିଦିନ ଏହାକୁ ପିଇବା ଦ୍ୱାରା ଆପଣଙ୍କ ଓଜନ ନିଶ୍ଚୟ ନିୟନ୍ତ୍ରଣରେ ରହିବ ।

# ଏଆଇର ଗାଣିତିକ ବିପ୍ଳବ: ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ପ୍ରଭାବ

ଆଜିର ବୈଷୟିକ ଯୁଗରେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) କ୍ରମାଗତ ଭାବରେ ଏପରି ସବୁ କାର୍ଯ୍ୟ କରି ଦେଖାଉଛି ଯାହା କିଛି ବର୍ଷ ପୂର୍ବେ କେବଳ ମଣିଷ ପାଇଁ ସମ୍ଭବ ବୋଲି ମନେ କରାଯାଉଥିଲା । ଏହି କ୍ରମରେ, ନିକଟରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପିତ ହୋଇଛି ଯାହା ସାରା ବିଶ୍ୱର ବୈଜ୍ଞାନିକ ଓ ଗଣିତଜ୍ଞଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ଓପନ୍‌ଏଆଇ (OpenAI) ଦ୍ୱାରା ବିକଶିତ ଏକ ପରୀକ୍ଷାମୂଳକ ଏଆଇ ମଡେଲ୍, ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଗଣିତ ପ୍ରତିଯୋଗିତା, ଆନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍ (IMO) ରେ ସ୍ୱର୍ଣ୍ଣ ପଦକ ସ୍ତରର ପ୍ରଦର୍ଶନ କରିଛି । ଏହି ଘଟଣା କେବଳ ଏକ ପ୍ରତିଯୋଗିତାରେ ସଫଳତା ନୁହେଁ, ବରଂ ଏହା ଏଆଇର ବୌଦ୍ଧିକ ବିକାଶ ଏବଂ ଯୁକ୍ତିଯୁକ୍ତ କ୍ଷମତାର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଛି ।

ଆନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍, ଯାହା ୧୯୫୯ ମସିହାରୁ ଆୟୋଜିତ ହୋଇଆସୁଛି, ବିଶ୍ୱର ସବୁଠାରୁ କଠିନ ଏବଂ ସମ୍ମାନଜନକ ଗଣିତ ପ୍ରତିଯୋଗିତା ଭାବେ ପରିଗଣିତ । ଏଥିରେ ବିଭିନ୍ନ ଦେଶରୁ ଶ୍ରେଷ୍ଠ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥାନ୍ତି, ଯେଉଁମାନେ ଅତ୍ୟନ୍ତ ଜଟିଳ ଗଣିତ ସମସ୍ୟାର ସମାଧାନ କରନ୍ତି। ଏହି ବର୍ଷର ପ୍ରତିଯୋଗିତାରେ ଓପନ୍‌ଏଆଇର ମଡେଲ୍ ୬ଟି ସମସ୍ୟାରୁ ୫ଟିର ସମାଧାନ କରି ୪୨ରୁ ୩୫ ପଏଣ୍ଟ ହାସଲ କରିଥିଲା, ଯାହା ସ୍ୱର୍ଣ୍ଣ ପଦକ ପାଇଁ ଯଥେଷ୍ଟ ଥିଲା । ଏହି ସଫଳତା ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ମଡେଲଟି କୌଣସି ବିଶେଷ ଉପକରଣ କିମ୍ବା ଇଣ୍ଟରନେଟ୍ ସହାୟତା ବିନା, କେବଳ ନିଜର ଯୁକ୍ତିଯୁକ୍ତ କ୍ଷମତା ବଳରେ ଏହି ସମସ୍ୟାଗୁଡ଼ିକର ସମାଧାନ କରିଥିଲା । ଏହା ପ୍ରମାଣ କରୁଛି ଯେ ଏଆଇ ଏବେ କେବଳ ତଥ୍ୟ ପୁନରାବୃତ୍ତି କିମ୍ବା ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ନୁହେଁ, ବରଂ ମାନବ ଭଳି ସୃଜନଶୀଳ ଏବଂ ଜଟିଳ ଚିନ୍ତାଧାରା ମାଧ୍ୟମରେ ସମସ୍ୟା ସମାଧାନ କରିବାକୁ ସକ୍ଷମ ହେଲାଣି ।

ଏହି କ୍ଷେତ୍ରରେ କେବଳ ଓପନ୍‌ଏଆଇ ଏକାକୀ ନୁହେଁ । ଗୁଗୁଲ୍ ଡିପ୍‌ମାଇଣ୍ଡ (Google DeepMind)ର 'ଆଲ୍ଫାପ୍ରୁଫ୍' (AlphaProof) ନାମକ ଏକ ଏଆଇ ସିଷ୍ଟମ୍ ମଧ୍ୟ ୨୦୨୪ର ଆନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍‌ରେ ରୌପ୍ୟ ପଦକ ସ୍ତରର ପ୍ରଦର୍ଶନ କରିଛି । ଏହି ମଡେଲଟି ଫର୍ମାଲ୍ ଲାଙ୍ଗୁଏଜ୍ (formal language) ଏବଂ ରିଇନ୍‌ଫୋର୍ସମେଣ୍ଟ ଲର୍ଣ୍ଣିଂ (reinforcement learning) ଭଳି ପଦ୍ଧତି ବ୍ୟବହାର କରି ଜଟିଳ ଗାଣିତିକ ପ୍ରମାଣ ଉପସ୍ଥାପନ କରିଥିଲା । ଏହି ଦୁଇଟି ସଫଳତା ଦର୍ଶାଉଛି ଯେ ଗାଣିତିକ ଯୁକ୍ତି କ୍ଷେତ୍ରରେ ଏଆଇର ବିକାଶ କେତେ ଦ୍ରୁତ ଗତିରେ ଆଗେଇ ଚାଲିଛି । ୨୦୨୪ ମସିହାରେ ଯେଉଁ ଏଆଇ ଲାବ୍‌ଗୁଡ଼ିକ ସ୍କୁଲ ସ୍ତରୀୟ ଗଣିତ ସମସ୍ୟା (GSM8K) କୁ ଏକ ମାପଦଣ୍ଡ ଭାବେ ବ୍ୟବହାର କରୁଥିଲେ, ଆଜି ସେମାନେ ଆନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍ ସ୍ତରରେ ପହଞ୍ଚି ପାରିଛନ୍ତି ।

ଏହି ବୈଷୟିକ ଅଗ୍ରଗତିର ପ୍ରଭାବ ସୁଦୂରପ୍ରସାରୀ । ପ୍ରଥମତଃ, ଏହା ଗଣିତ ଗବେଷଣାରେ ଏକ ନୂତନ ବିପ୍ଳବ ଆଣିପାରେ । ବହୁ ଦଶନ୍ଧି ଧରି ଅସମାହିତ ଥିବା ଜଟିଳ ଗାଣିତିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏଆଇ ଏକ ଶକ୍ତିଶାଳୀ ଉପକରଣ ଭାବେ କାର୍ଯ୍ୟ କରିପାରିବ । କାଲ୍‌ଟେକ୍ (Caltech) ର ଗବେଷକମାନେ ଏକ ନୂତନ ମେସିନ୍-ଲର୍ଣ୍ଣିଂ ଆଲଗୋରିଦମ୍ ବିକଶିତ କରିଛନ୍ତି ଯାହା 'ଆଣ୍ଡ୍ରୁସ୍-କର୍ଟିସ୍ କଞ୍ଜେକ୍‌ଚର୍, (Andrews–Curtis conjecture) ଭଳି ଦୀର୍ଘ ଦିନରୁ ରହିଥିବା ସମସ୍ୟାର ସମାଧାନ ଦିଗରେ ସହାୟକ ହେଉଛି । ଏହି ଆଲଗୋରିଦମ୍ ଲକ୍ଷ ଲକ୍ଷ ସମ୍ଭାବ୍ୟ ପଦକ୍ଷେପ ମଧ୍ୟରୁ ସଠିକ୍ ପଥ ବାଛିବାରେ ସକ୍ଷମ, ଯାହା ମାନବ ପାଇଁ ଅତ୍ୟନ୍ତ କଷ୍ଟକର । ଏହା ଗଣିତଜ୍ଞମାନଙ୍କୁ ନୂତନ ଦିଗରେ ଚିନ୍ତା କରିବା ଏବଂ ଜଟିଳ ପ୍ରମାଣଗୁଡ଼ିକୁ ସହଜରେ ଯାଞ୍ଚ କରିବାରେ ସାହାଯ୍ୟ କରିବ।

ଦ୍ୱିତୀୟତଃ, ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିବ । ଯଦି ଏକ ଏଆଇ ମଡେଲ୍ କଠିନତମ ଗଣିତ ସମସ୍ୟାର ସମାଧାନ କରିପାରୁଛି, ତେବେ ଗଣିତ ଶିକ୍ଷାଦାନ ଏବଂ ମୂଲ୍ୟାୟନ ପଦ୍ଧତିରେ ପରିବର୍ତ୍ତନ ଆଣିବା ଅପରିହାର୍ଯ୍ୟ । ଛାତ୍ରଛାତ୍ରୀମାନଙ୍କୁ କେବଳ ସମସ୍ୟା ସମାଧାନ କରିବା ଶିଖାଇବା ପରିବର୍ତ୍ତେ, ସେମାନଙ୍କୁ ଗାଣିତିକ ଚିନ୍ତାଧାରା, ଯୁକ୍ତି ଏବଂ ସମାଲୋଚନାତ୍ମକ ବିଶ୍ଳେଷଣ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ । ଏଆଇକୁ ଏକ ସହାୟକ ଉପକରଣ ଭାବେ ବ୍ୟବହାର କରି ଛାତ୍ରଛାତ୍ରୀମାନେ ଅଧିକ ଜଟିଳ ବିଷୟଗୁଡ଼ିକୁ ସହଜରେ ବୁଝିପାରିବେ । ଏହି ପରିପ୍ରେକ୍ଷୀରେ, 'ଏଆଇ ମାଥେମାଟିକାଲ୍ ଅଲିମ୍ପିଆଡ୍' (AIMO) ପ୍ରାଇଜ୍ ଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ, ଯାହା ଏଆଇ ମଡେଲ୍‌ଗୁଡ଼ିକର ଖୋଲା ବିକାଶକୁ ପ୍ରୋତ୍ସାହିତ କରୁଛି ।

ତେବେ, ଏହି ସଫଳତା ସହିତ କିଛି ଚ୍ୟାଲେଞ୍ଜ ମଧ୍ୟ ରହିଛି। ଓପନ୍‌ଏଆଇ ସ୍ପଷ୍ଟ କରିଛି ଯେ ଏହି ଅଲିମ୍ପିଆଡ୍ ସ୍ତରୀୟ ମଡେଲ୍ ଏକ ପରୀକ୍ଷାମୂଳକ ଗବେଷଣା ମଡେଲ୍ ଏବଂ ଏହାର କ୍ଷମତା ସାଧାରଣ ଲୋକଙ୍କ ପାଇଁ ତୁରନ୍ତ ଉପଲବ୍ଧ ହେବ ନାହିଁ । ଏହାର କାରଣ ହେଉଛି ଏହି ମଡେଲଗୁଡ଼ିକ ଅତ୍ୟଧିକ ପରିମାଣରେ କମ୍ପ୍ୟୁଟେସନାଲ୍ ଶକ୍ତି ଆବଶ୍ୟକ କରନ୍ତି ଏବଂ ସେମାନଙ୍କର ନିର୍ଭୁଲତା ସବୁବେଳେ ସମାନ ନଥାଏ । ଏହାଛଡ଼ା, ଏଆଇ ଦ୍ୱାରା ସୃଷ୍ଟ ସମାଧାନଗୁଡ଼ିକର ମୌଳିକତା ଏବଂ ସୃଜନଶୀଳତାକୁ ନେଇ ମଧ୍ୟ ବିତର୍କ ସୃଷ୍ଟି ହୋଇପାରେ ।

ଏହା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ଆମେ ଏକ ଏପରି ଯୁଗର ପ୍ରାରମ୍ଭରେ ଅଛୁ ଯେଉଁଠାରେ ମଣିଷ ଏବଂ ମେସିନ୍ ମିଳିତ ଭାବରେ ଜ୍ଞାନର ସୀମାକୁ ବିସ୍ତାର କରିବେ । ଆନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍‌ରେ ଏଆଇର ସଫଳତା କେବଳ ଏକ ବୈଷୟିକ ସଫଳତା ନୁହେଁ, ଏହା ମାନବ ବୁଦ୍ଧି ଏବଂ ଯନ୍ତ୍ରର କ୍ଷମତା ମଧ୍ୟରେ ଥିବା ସମ୍ପର୍କକୁ ପୁନର୍ବିଚାର କରିବା ପାଇଁ ଏକ ଆହ୍ୱାନ । ଭବିଷ୍ୟତରେ ଗଣିତ ଏବଂ ବିଜ୍ଞାନର ଅନେକ ରହସ୍ୟ ଏହି ମିଳିତ ପ୍ରୟାସ ଦ୍ୱାରା ହିଁ ଉନ୍ମୋଚିତ ହେବ, ଏଥିରେ ସନ୍ଦେହ ନାହିଁ । ଏହି ଯାତ୍ରା ରୋମାଞ୍ଚକର ଏବଂ ଆହ୍ୱାନପୂର୍ଣ୍ଣ ହେବ, ଏବଂ ଏହା ଦେଖିବାକୁ ବାକି ରହିଲା ଯେ ମାନବ ସମାଜ ଏହି ଶକ୍ତିଶାଳୀ ପ୍ରଯୁକ୍ତିର କିପରି ସର୍ବୋତ୍ତମ ଉପଯୋଗ କରୁଛି ।

# ଚିକିତ୍ସାଳୟ ମନ୍ଦିର ନୁହେଁ କି ଡାକ୍ତର ଭଗବାନଙ୍କ ଅବତାର ନୁହଁନ୍ତି

**ଗୋପାଳ ମହାପାତ୍ର**

କିଛି ଦିନ ତଳେ ଏକ ନ୍ୟୁଜ ଚ୍ୟାନେଲ ସାଇଟରେ ଭାରତର ସଂସଦୀୟ କମିଟିର ରିପୋର୍ଟ ବାବଦରେ ସଂବାଦ ପ୍ରସାରିତ ହୋଇଥିଲା। ସେଥିରେ କୁହାଯାଇଥିଲା ଯେ ଭାରତରେ ଥିବା ସରକାରୀ ଓ ବେସରକାରୀ ଚିକିତ୍ସାଳୟ ମାନଙ୍କରେ କରାଯାଉଥିବା ଅପରେସନ ମଧ୍ୟରୁ ୪୪ ପ୍ରତିଶତର ଅଧିକ ଅପରେସନ ଅନାବଶ୍ୟକ ଅଟେ। ଏହି ରିପୋର୍ଟ ଅନୁସାରେ କ୍ୟାନସରର ୪୭ ପ୍ରତିଶତ, ହୃଦ୍ ?ରୋଗର ୫୫ ପ୍ରତିଶତ, ଗର୍ଭାଶୟ ଜନିତ ରୋଗ ୪୮ ପ୍ରତିଶତ, ଆଣ୍ଠୁ ପ୍ରତ୍ୟାରୋପଣା ୪୮ ପ୍ରତିଶତ, ଶିଶୁ ଜନ୍ମ କ୍ଷେତ୍ରରେ ହେଉଥିବା ଅପରେସନ (ସିଜରିଆନ)ର ୪୫ ପ୍ରତିଶତ ଭଳି ଅନେକ କ୍ଷେତ୍ରରେ ଅପରେସନର ଆବଶ୍ୟକତା ନଥାଇ ମଧ୍ୟ ଅପନରେସନ କରାଯାଇଥାଏ। କିନ୍ତୁ ଦୁର୍ଭାଗ୍ୟର କଥା ଯେ ଜାତୀୟସ୍ତରର ଗଣମାଧ୍ୟମ ମାନେ ଛୋଟ ଛୋଟ କଥାକୁ ବଡ଼ କରି ପ୍ରଚାର ପ୍ରସାର କରୁଛନ୍ତି, ହିନ୍ଦୁ-ମୁସଲିମରେ ଦିନ ସାରା ବ୍ୟସ୍ତ ରହୁଛନ୍ତି କିନ୍ତୁ ଏଭଳି ରିପୋର୍ଟ ବାବଦରେ କେବେ ଚର୍ଚ୍ଚା କରୁନାହାଁନ୍ତି ଯଦିଓ ଏହା ଦେଶର ଲୋକଙ୍କ ସ୍ୱାର୍ଥ ସହ ଜଡ଼ିତ। ରୋଗ ତ ସବୁ ମଣିଷର ଜୀବନରେ ଆସିଥାଏ।

ଲୋକେ ରୋଗ ହେଲେ ଡ଼ାକ୍ତରଙ୍କ ପାଖକୁ ଯାଇଥାନ୍ତି ଯେଉଁଠି ରୋଗର ଚିକିତ୍ସା ଠିକ୍ ଭାବରେ ହେବ ବୋଲି ସେମାନଙ୍କର ଆଶା ଥାଏ। କିନ୍ତୁ ସେଭଳି ଚିକିତ୍ସାଳୟକୁ କ'ଣ କୁହାଯିବ ଯେଉଁଠି ଲୋକଙ୍କ ରୋଗର ନିଦାନ ପରିବର୍ତ୍ତେ ଫାଇଦା କଥାକୁ ଅଧିକ ଗୁରୁତ୍ୱ ଦିଆଯାଏ ? ଦେଶର ଅନେକ ଘରୋଇ ଚିକିତ୍ସାଳୟର ମାନସିକତା ଏବେ ଏହିପରି। ଯଦି ଡାକ୍ତର ଚିକିତ୍ସାଳୟର ଫାଇଦା ଉଠାଇବା କଥାରେ ସାମିଲ ନ ହେଉଛନ୍ତି ତେବେ ତାଙ୍କୁ ବିଦା କରିଦିଆଯିବା ଭଳି ଘଟଣା ମଧ୍ୟ ଘଟୁଛି। ଘରୋଇ ଚିକିତ୍ସାଳୟରେ ଚିକିତ୍ସା ଠିକ୍ ଭାବରେ ହେବ ବୋଲି ସେମାନଙ୍କର ଆଶା ଥାଏ। କିନ୍ତୁ ସେ ଭଳି ଚିକିତ୍ସାଳୟକୁ କ'ଣ କୁହାଯିବ ଯେଉଁଠି ଲୋକଙ୍କ ରୋଗର ନିଦାନ ପରିବର୍ତ୍ତେ ଫାଇଦା କଥାକୁ ଅଧିକ ଗୁରୁତ୍ୱ ଦିଆଯାଏ ? ଦେଶର ଅନେକ ଘରୋଇ ଚିକିତ୍ସାଳୟର ମାନସିକତା ଏବେ ଏହପରି। ଯଦି ଡାକ୍ତର ଚିକିତ୍ସାଳୟ ପ୍ରଶାସନର ଫାଇଦା ଉଠାଇବା କଥାରେ ସାମିଲ ନ ହେଉଛନ୍ତି ତେବେ ତାଙ୍କୁ ବିଦା କରିଦିଆଯିବା ଭଳି ଘଟଣା ମଧ୍ୟ ଘଟୁଚି। ଘରୋଇ ଚିକିତ୍ସାଳୟ ମାନଙ୍କରେ ଡ଼ାକ୍ତରମାନେ ରୋଗୀଙ୍କୁ ଆବଶ୍ୟକତା ନଥିବା ଅନେକ ଟେଷ୍ଟ କରାଇବା ପାଇଁ ବାଧ କରୁଛନ୍ତି। ଅନେକ ଘରୋଇ ଚିକିତ୍ସାଳୟରେ ରୋଗୀର ମୃତ୍ୟୁ ହୋଇ ସାରିଥିଲେ ମଧ୍ୟ ଚିକିତ୍ସା କରାଯାଉଛି ବୋଲି କହି ରୋଗୀର ପରିବାର ଠାରୁ ଅର୍ଥ ଆଦାୟ କୀରଯାଉଥିବାର ଅନେକ ଖବର ବିଭିନ୍ନ ସମୟରେ ପ୍ରକାଶ ପାଉଛି। ସ୍ୱାସ୍ଥ୍ୟ ବୀମା କରାଉଥିବା ଅନେକ ବୀମା କମ୍ପାନୀଙ୍କ ଅଭିଯୋଗ ହେଉଛି ଯେ ମେଡିକ୍ଲେମର ପୁରା ଅର୍ଥ ଚିକିତ୍ସାଳୟ ମାନେ ଅସୁଲ ନ କରିବା ପର୍ଯ୍ୟନ୍ତ ରୋଗୀକୁ ଚିକିତ୍ସା ନାମରେ ଲଟକାଇ ରଖୁଛନ୍ତି। କିଛି ଦିନ ତଳେ ଏକ ହିନ୍ଦୀ ଖବର କାଗଜରେ ଏକ ସମ୍ବାଦ ପ୍ରକାଶ ପାଇଥିଲା। ସମ୍ବାଦଟି ହେଉଛି ଗାଜିଆବାଦର ଏକ ଘରୋଇ ଚିକିତ୍ସାଳୟକୁ ଯାଇଥିବା ଏକରୋଗୀକୁ ଡାକ୍ତର କହିଥିଲେ ଯେ ତାଙ୍କ ରୋଗ ଗୁରୁତର ନୁହେଁ। ସଂପୃକ୍ତ ଚିକିତ୍ସାଳୟର ପ୍ରଶାସନ ସେହିଦିନ ଡାକ୍ତରଙ୍କୁ ବିଦା କରିଦେଇଥିଲେ। ସେହି ଦିନ ଆଉ ଏକ ଖବର ମଧ୍ୟ ପ୍ରକାଶ ପାଇଥିଲା। ଖବର ହେଉଛି ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁଜ୍ୱର ହେଉଥିବା କାରଣରୁ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ସେଠି ଡାକ୍ତର ତାଙ୍କର ଅନେକ ଟେଷ୍ଟ କରାଇଥିଲେ ଓ ତା ପରଦିନ ୧୦ ଲକ୍ଷଟଙ୍କାର ବିଲ ତାଙ୍କୁ ଧରାଇ ଦେଇଥିଲେ। ଏଭଳି ଅନେକ ଉଦାହରଣ ରହିଛି। ସରକାରୀ ଚିକିତ୍ସାଳୟର ଡାକ୍ତର ମାନେ ମଧ୍ୟ ରୋଗୀଙ୍କୁ ଅଯଥାରେ ବିଭିନ୍ନ ଟେଷ୍ଟ ପାଇଁ ତାଙ୍କର ସମ୍ପର୍କଥିବା ଟେଷ୍ଟଲ୍ୟାବକୁ ପଠାଉଛନ୍ତି। ଏପରିକି ସମ୍ପର୍କଥିବା ଔଷଧ ଦୋକାନରୁ ଔଷଧ କିଣିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଏହିସବୁ କାରଣରୁ ରୋଗୀଙ୍କ ପକେଟକୁ ଲୁଟ କରାଯାଉଛି।

ଅନେକ ସ୍ୱାସ୍ଥ୍ୟବୀମା କମ୍ପାନୀ ମଧ୍ୟ ଲୋକଙ୍କ ସ୍ୱାସ୍ଥ୍ୟବୀମା ଘଟଣାରେ ଦୁର୍ନୀତି କରୁଛନ୍ତି ବା ଅନ୍ୟ ଅର୍ଥରେ ଲୋକଙ୍କୁ ଠକୁଛନ୍ତି। ଏକ ରିପୋର୍ଟ ଅନୁସାରେ ଦେଶର୬୮ ପ୍ରତିଶତ ଲୋକ ସ୍ୱାସ୍ଥ୍ୟବୀମା କରିଛନ୍ତି। କିନ୍ତୁ ଆବଶ୍ୟକ ସମୟରେ ସ୍ୱାସ୍ଥ୍ୟ ବୀମା କମ୍ପାନୀମାନେ କିଛି ନା କିଛି ବାହାନା କରି ବୀମା ଧାରକର ଚିକିତ୍ସା ବାବଦ ଅର୍ଥ ଦେବା ପାଇଁ ମନା କରି ଦେଉଛନ୍ତି। ଅନେକ ସମୟରେ ବୀମା କମ୍ପାନୀ ଓ ଚିକିତ୍ସାଳୟ ମିଳିମିଶି ଲୋକଙ୍କୁ ଠକୁଥିବାର ଅଭିଯୋଗ ହେଉଛି। ଅନେକ ସମୟରେ ଔଷଧର ମୂଲ୍ୟଠାରୁ ଅଧିକ ଅର୍ଥ ମଧ୍ୟ ରୋଗୀଙ୍କ ଠାରୁ ଅସୁଲ କରାଯାଉଛି। ଔଷଧ କମ୍ପାନୀ ମାନେ ମଧ୍ୟ ଏ ପ୍ରସଙ୍ଗରେ ପଛରେ ନାହାଁନ୍ତି। ଏକ ପ୍ରମୁଖ ଔଷଧ କମ୍ପାନୀର ଜଣେ ପୁର୍ବତନ କର୍ମଚାରୀ ଲେଖିଥିଲେ ଯେ "ଆମେ ଔଷଧ ନୁହେଁ ବଜାର ଖୋଜୁଛୁ। ଔଷଧ କମ୍ପାନୀଙ୍କ ଉଦେଶ୍ୟ ରୋଗକୁ ସଂପୁର୍ଣ୍ଣ ଭଲ କରିବା ନୁହେଁ ବରଂ ଲାଗିରହୁ ଓ ଲୋକ ଜୀବନ ସାରା ଔଷଧ ଖାଉ"। ଔଷଧ କମ୍ପାନୀମାନେ ସେମାନଙ୍କର ଫାଇଦା ବା ଲାଭକୁ ଆଗ୍ରାଧିକାର ଦେଉଛନ୍ତି।

ଲୋକେ ଚିକିତ୍ସାଳୟକୁ ମନ୍ଦିର ଏବଂ ଡ଼ାକ୍ତରଙ୍କୁ ଭଗବାନଙ୍କ ଦ୍ୱିତୀୟ ଅବତାର ବୋଲି କହୁଥିଲେ ଓ ସେଇ କଥା ଭାବି ମଧ୍ୟ ଚିକିତ୍ସା ପାଇଁ ଡ଼ାକ୍ତରଙ୍କ ପାଖକୁ ଯାଇଥାନ୍ତି। କିନ୍ତୁ ସେମାନଙ୍କୁ ସେଠାରେ ଶୋଷଣର ଶିକାର ହେବାକୁ ପଡ଼େ। ଏ କଥା କେବଳ ବଡ଼ବଡ଼ ସହରରେ ଚାଲିଛି ତା ନୁହେଁ ଦେଶର ସବୁଠି ଏଭଳି ଘଟଣା ଘଟୁଛି। ଏକଥା ଯେ ଶାସନ ଓ ନୀତି ନିୟନ୍ତା ମାନେ ଜାଣୁନାହାଁନ୍ତ ତା ନୁହେଁ କିନ୍ତୁ ସେମାନେ ନୀରବ ରହୁଛନ୍ତି। ଡାକ୍ତରଙ୍କ ସହ ଯୋଡି ହୋଇଥିବା ସଂସ୍ଥା ମେଡ଼ିକାଲ କାଉନସିଲ ଏ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଉନାହିଁ କାହିଁକି ? ପ୍ରକୃତ କଥା ହେଉଛି ଘରୋଇ ଚିକିତ୍ସାଳୟ ଗୁଡିକ ବିନା ରାଜନୈତିକ, ଶାସନ ପ୍ରଶାସନର ସହଯୋଗରେ ଚାଲି ପାରିବ ନାହିଁ। ଏମାନେ ଆଖି ବନ୍ଦ କରି ଦେଲେ ରୋଗୀଙ୍କ କଥା ଶୁଣିବ କିଏ ? ଲୋକଙ୍କୁ ଚିକିତ୍ସା ସେବା ଦେବା ନାମରେ ଲୋକଙ୍କୁ ଠକା ଯାଉଛି କିନ୍ତୁ ଶୁଣିବାକୁ କେହିନାହିଁ। ଦେଶରେ ସବୁଦିନ ଅସଂଖ୍ୟ ଏଭଳି ଘଟଣା ଘଟୁଛି। ଅନେକ ଘଟଣା ମଧ୍ୟ ନଜରକୁ ଆସୁନାହିଁ।

+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଭାରତୀୟ ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

**ଯୁଧିଷ୍ଠିର ମହାରଣା**

ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅସ୍ତିତ୍ୱ ଏବେ ବିପଦରେ। ପୂର୍ବରୁ ଅନାଦାୟ ଋଣ ବା ଏନପିଏରେ ବୃଦ୍ଧିକୁ ନେଇ ବ୍ୟାଙ୍କ ଗୁଡ଼ିକ ସମସ୍ୟାରେ ରହିଥିବାବେଳେ ଏବେ ବିନା ଗ୍ୟାରେଣ୍ଟିରେ ଋଣ ପରିମାଣ ବୃଦ୍ଧି ଆଉ ଏକ ଚିନ୍ତାର ବିଷୟ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏବେ ବିନା ବନ୍ଧକରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବିନା କୌଣସି ବନ୍ଧକ ବା ଗ୍ୟାରେଣ୍ଟିରେ ବ୍ୟାଙ୍କ ଗୁଡ଼ିକ ଦେଇଛନ୍ତି ୪୬.୯ ଲକ୍ଷ କୋଟି ଟଙ୍କାର ଋଣ। ଗତ ୨୦ ବର୍ଷ ଭିତରେ ଏଭଳି ଋଣ ପରିମାଣ ୨୩ ଗୁଣ ବୃଦ୍ଧି ପାଇଛି। ୨୦୦୫ରେ ବିନା କୌଣସି ବନ୍ଧକରେ ବ୍ୟାଙ୍କଗୁଡ଼ିକ ୨ ଲକ୍ଷ କୋଟି ଋଣ ଦେଇଥିବାବେଳେ ୨୦୨୫ରେ ଏହି ପରିମାଣ ୪୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଯାଇଛି, ଯାହା ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାଙ୍କ ଗୁଡ଼ିକର ଅସୁରକ୍ଷିତ ଋଣକୁ ଦ୍ରୁତ ଗତିରେ ବଢ଼ାଇ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ସଦ୍ୟତମ ରିପୋର୍ଟରେ କୁହାଯାଇଛି।

ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଋଣ ପ୍ରଦାନ ପଦ୍ଧତିରେ ଏକ ବଡ଼ ସାଂରଚନିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଷ୍ଟେଟ ବ୍ୟାଙ୍କର ଏହି ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶରେ ଅସୁରକ୍ଷିତ ଋଣ ପରିମାଣ ୪୬.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। କୌଣସି ବନ୍ଧକ କିମ୍ବା ସୁରକ୍ଷା ବିନା ଦିଆଯାଇଥିବା ଏହି ଋଣ ଏଭଳି ଘାତକ ବୃଦ୍ଧି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରତି ବଡ଼ ବିପଦ କୁହାଯାଉଛି। ଏଥିଯୋଗୁ ମୋଟ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ୨୦୦୫ ଆର୍ଥିକ ବର୍ଷରେ ବ୍ୟାଙ୍କ ଋଣରେ ଅସୁରକ୍ଷିତଋଣ ଅଂଶ ୧୭.୭% ରହିଥିବାବେଳେ ୨୦୦୫ ଆର୍ଥିକ ବର୍ଷରେ ଏହା ୨୪.୫%କୁ ବୃଦ୍ଧି ପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୯ ଆର୍ଥିକ ବର୍ଷ ଠାରୁ ମୋଟ ଋଣରେ ଅସୁରକ୍ଷିତ ଋଣର ଅଂଶ କ୍ରମାଗତ ଭାବରେ ୨୦% ଉପରେ ରହିଛି। ଯେହେତୁ ଏହି ଋଣ ଗୁଡ଼ିକ ବିନା ବନ୍ଧକରେ ଦିଆଯାଇଛି ତେଣୁ ସେଗୁଡ଼ିକର ବର୍ଦ୍ଧିତ ପରିମାଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମ୍ଭାବ୍ୟ ଋଣ ବିପଦ ସମ୍ପର୍କରେ ଆଗୁଆ ସୂଚନା ଦେଉଛି।

ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ମୋଟ ଅସୁରକ୍ଷିତ ଋଣର ଦେଶର ସରକାରୀ ବ୍ୟାଙ୍କ ଗୁଡ଼ିକର ଅଂଶ ୫୩% ରହିଥିବାବେଳେ, ଘରୋଇ କ୍ଷେତ୍ରର ବ୍ୟାଙ୍କ ଗୁଡ଼ିକର ଅଂଶ ୩୮% ରହିଛି। ସେହିପରି ଏଥିରେ ବିଦେଶୀ ବ୍ୟାଙ୍କ ଗୁଡ଼ିକର ଅଂଶ ୭% ଏବଂ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କଗୁଡ଼ିକର ଅଂଶ ୨% ରହିଛି। କୌତୁହଳର ବିଷୟ ହେଉଛି ବ୍ୟାଙ୍କରେ ଅସୁରକ୍ଷିତ ଋଣ ସୁରକ୍ଷିତ ଋଣ ଅପେକ୍ଷା ବହୁତ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ନିକଟରେ ଡିସେମ୍ବରରେ ଆରବିଆଇ ଏଡାର ଆର୍ଥିକ ସ୍ଥିରତା ରିପୋର୍ଟରେ ମଧ୍ୟ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ପ୍ରସଙ୍ଗ ଉଠାଇଛି। ଫିନଟେକ ଋଣଦାତାଙ୍କ ମୋଟ ଋଣର ୭୦%ରୁ ଅଧିକ ଅସୁରକ୍ଷିତ ଋଣ ରହିଛି। ଏହି ଋଣର ଅଧାରୁ ଅଧିକ ୩୫ ବର୍ଷରୁ କମ ବୟସର ଋଣଗ୍ରହୀତାଙ୍କୁ ଦିଆଯାଇଛି, ଯାହା ଅସୁରକ୍ଷିତ ଋଣ କ୍ଷେତ୍ରରେ ଯୁବ ଋଣଗ୍ରହୀତାଙ୍କ ବର୍ଦ୍ଧିତ ଅଂଶକୁ ପ୍ରତିଫଳିତ କରୁଛି। ବ୍ୟାଙ୍କ ଗୁଡ଼ିକର ଅନାଦାୟ ଋଣ ସମ୍ପ୍ରତି ହ୍ରାସ ପାଉଥିବାବେଳେ, ଅସୁରକ୍ଷିତ ଋଣ ବଢୁଥିବାରୁ ପୁନର୍ବାର ଏହା ଏନ୍ପିଏରେ ବୃଦ୍ଧି ଘଟାଇବା ଆଶଙ୍କା ସୃଷ୍ଟି କରିଛି।

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ୍ୟ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ୍ୟ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ୍ୟ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ଛଦ୍ମବେଶୀ

**ନିରଞ୍ଜନ ସାହୁ**

ଗାଆଁର ଉନ୍ନତି କରିବା ନିମିତ୍ତ
ଯିଏ ହୁଏ ଆଗଭର
ସଭିଙ୍କୁ ବୁଝାଏ ଗାଆଁ ଭଲମନ୍ଦ
କିଛି ହିଁ ବ୍ୟବସ୍ଥା କର ।
ଗାଆଁର ସୁନାମ ବଜାୟ ରଖିବା
ଅଟଇ ସଭିଙ୍କ କାମ
ଗାଆଁ ଆମ ପାଇଁ ବଡ଼ ଧାମ ଅଟେ
ରଖିବା ଗାଆଁର ନାମ
ଗାଆଁ ପାଇଁ ସର୍ବେ ତତପର ହୁଅ
ଉନ୍ନତିର ବାଟ ଧର ।
ଗାଆଁ ପରିବେଶ ଗାଆଁ ପରିମଳ
ଗାଆଁ ରାସ୍ତାଘାଟ କଥା
ଗାଆଁର ପୋଖରୀ, ପାହାଡ଼, ମନ୍ଦିର
ଏଥିରେ ପୁରାଅ ମଥା
ଗାଆଁ ବିଦ୍ୟାଳୟ, ହାଟ, ନଦୀଘାଟ
ଏ ଚିନ୍ତା ମୁଣ୍ଡରେ ଭର ।
ଗାଆଁର ପରବ, ମେଳା, ମଉଛବ
ନ୍ୟାୟ, ନିଶାପକୁ ବୁଝି
ମାତୃଭୂମି ଋଣ ଅଳପେ ଅଳପେ
ଏ ଜୀବନେ ଦିଅ ଶୁଝି
ଗାଆଁ ପ୍ରତି ଆମ ଦାୟିତ୍ୱ, କର୍ତ୍ତବ୍ୟ
ଜଣାଇବା ଘରଘର ।
ଏସବୁ ଏଣିକି ଯିଏ ବୁଝାଉଛି
ଭଲ କଥା କହେ ସିଏ
ତାହାରି କଥାରେ ଭଳି ନ ଯାଇକି
ବୁଝନ୍ତୁ ସେ ଲୋକ କିଏ
ଭିତରେ ତାହାର ସ୍ୱାର୍ଥ ଲୁଚିଥିବ
ସ୍ୱାର୍ଥ ଶେଷେ ହେବ ପର ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :- ୯୯୩୮୭୪୧୫୮୩

## ମାଲ୍ ଗାଡ଼ିର ଯାତ୍ରୀ

**ସ୍ନିଗ୍ଧା ପଣ୍ଡା**

ହେଲା ନାଇଁ ଏକ୍ସ ପ୍ରେସ
ପାସେଞ୍ଜର ବି ହେଲା ନାଇଁ
ଟିକଟ ଥିଲା
ଅଥଚ ମୁଁ ବସିଯାଇଛି ମାଲ୍ ଗାଡିରେ
ନା ଗାଡ଼ି ରହୁଛି
ନା ମୁଁ ଓହ୍ଲେଇ ପାରୁଛି ।
ମାଲ୍ ଗାଡ଼ି ଚାଲେ ଡ୍ରାଇଭର୍ ମର୍ଜିରେ
ନା ତା'ର ପ୍ଲାଟଫର୍ମ ଥାଏ
ନା ତା'ର ଷ୍ଟେସନ ଥାଏ
ଯୋଉଠି ମାଲ୍ କଢା ହେବ
କେବଳ ସେଇଠି
ଏବେ ମୁଁ ଓହ୍ଲେଇ ପାରେ
ଚାଉଳ କୋଇଲା କିମ୍ବା ଲୁହାଛଡ଼ ପରି
ଗହମ ତେଲ ସାର ଆଲୁମିନିୟମ ପରି।
ଖୋଲା ଥାଉ କି ବନ୍ଦ ଥାଉ
ଏଠି ଭିତରଟା ସବୁବେଳେ
ରୁନ୍ଧି ଦେଉଥାଏ
ଛାତିକୁ ଛୁଇଁ ପାରୁ ନ ଥିବା
ବହଳିଆ ପବନ
ପ୍ରାଣକୁ ଅଟକେଇ ରଖେ
ଅନେକ ଦୂରରେ
ଭିତରେ ଗାଡ଼ି ଅଟକିବାକୁ ମୁଁ ଚାହିଁ ଥାଏ
ଧୂଳି ଝଡ଼ ଝଞ୍ଜାର ନିବୁଜ ଖଞ୍ଜାରେ ।
ଅନ୍ୟଗାଡି ସବୁ ଅତିକ୍ରମ କରି ଯାଆନ୍ତି
ମଝି ଧାରଣାରେ ଚାଲିଥାଏ ମାଲ୍‌ଗାଡି
ଗାଡିର ଅର୍ଥହୀନ ଗତି
କମିଯାଏ ବେଳେବେଳେ
ହେଲେ ଅଟକେ ନାହିଁ
ଚକ ଆଉ ଧାରଣା ଘଷି ହେଉଥିବାର
ଶବ୍ଦ ଛଡା ଶୁଭେନାହିଁ କିଛି ଆଉ
ସୁଡଙ୍ଗରେ ପଶିଲାବେଳକୁ
ଭୟରେ ଆହୁରି ଜୋର କରି
ମୁଁ ଜାବୁଡି ଧରେ ପୁରୁଣା ଇଚ୍ଛାମାନଙ୍କୁ
ଯାହା କେବେ ପୂରିବାର
ନଥିଲା କି ପୂରିବାର ନାହିଁ ।
ମୋ ସାମ୍ନାରେ
ସେଇ କାଚ ଡବାମାନଙ୍କରେ
ଯେମିତି ବନ୍ଦ ଅଛି ଦୁଃଖ ସବୁ
ଧୂସର ବାକ୍ସ ଗୁଡିକରେ
ବନ୍ଦ ଅଛି ଅନେକ ରହସ୍ୟ
ମନେ ମନେ ମୁଁ ପ୍ରାର୍ଥନା କରେ
କେବେ କୌଣସି ଦିନ
ସେ ସବୁ ଛିଟିକି ନ ପଡୁ
ସେଇ ଡବା ଓ ବାକ୍ସ ସେମିତି ଥାଉ
ଅନ୍ତତଃ ଗାଡି ଅଟକିଲା ଯାଏଁ
ମୋର ଓହ୍ଲେଇବା ଯାଏଁ ।
ମତେ ଜଣା ନାଇଁ
ଗାଡି କୁଆଡେ ଯିବ
କେତେବେଳେ ଅଟକିବ
ଚେନ୍ ନ ଥିବା ଗାଡି
ଭଲ ମନ୍ଦରେ ଅଟକେଇ ହେବ ନାହିଁ
ଏବେ ଅଦରକାରୀ ହେଇପଡିଥିବା
ଟିକଟକୁ ଚାହିଁ
ଥକା ଲାଗୁଥିବା ଆଖିରୁ
କିଛି ଆଲୁଅ ଧାର ନେଇ
ମୁଁ ଖାଲି
ମାଟି ଖୋଜୁଥାଏ
ଆକାଶ ଖୋଜୁଥାଏ ।

+ଲହଣ୍ଡା
ମୋ-୯୮୬୧୩୨୩୬୫୦

## ଆସନ୍ତା କି ଫେରି ସେ ହଜିଲା ଅତୀତ


### ଶ୍ରୀ ଶରତ କୁମାର ଦାସ




ଆସନ୍ତା କି ଫେରି ସେ ହଜିଲା ଅତୀତ
ରଜନୀଗନ୍ଧାରୁ ଝରୁଥାନ୍ତା ମୁଠାମୁଠା ବାସ୍ନା
ମୋ ଦେହର ଶିରାପ୍ରଶିରାରେ
ଲହଡ଼ି ଭାଙ୍ଗୁଥାନ୍ତା ମିଳନର ଅଫୁରନ୍ତ ତୃଷ୍ଣା ।

ଆସନ୍ତା କି ଫେରି ସେ ହଜିଲା ଅତୀତ
ପ୍ରିୟାର ଗଭାରେ ଖୋସନ୍ତି ମୁଁ
ପେନ୍ଥାପେନ୍ଥା ଯୂଇ-ଜାଇ-ହେନାର ଗଜରା
ନିଶାର୍ଦ୍ଧେ ଭେଟନ୍ତି ନିତି ମୁଁ ମୋ ପ୍ରଣୟ ପସରା

ଗୋପନେ ଲେଖନ୍ତି ଚିଠି ଏକାଏକା
ଆଉ ଗାଆନ୍ତି ମୁଁ ମୋ ଅଧୁରା ପ୍ରେମର
ଲୁହଭିଜା ବିରହ ଗୀତିକା ।

ଆସନ୍ତା କି ଫେରି ସେ ହଜିଲା ଅତୀତ
ଅଳସି ସଂଜର ପାଦରେ
ବାନ୍ଧନ୍ତି ମୁଁ ପ୍ରୀତିର ଘୁଙ୍ଗୁର
ତା' ଛମଛମ ସୁରର ବନ୍ୟାରେ ଭିଜନ୍ତା
ଏ କାଳରାତିର ଉଦାସ ପ୍ରହର
ହସୁଥାନ୍ତା ଖିଲିଖିଲି ସବୁଜ ବନାନୀ

ଜ୍ୟୋତ୍ସ୍ନାଭିଜା ଗୋଲାପ ଫୁଲର ନଅର ।

ଏବେ ତ ଖରାଛାଇର ଲୁଚକାଳି ଖେଳ
ମେଘର ଚାଦର ତଳେ
ଅସ୍ତଗାମୀ ସୂର୍ଯ୍ୟଙ୍କର ବୁଡ଼ିବାର ବେଳ ।

ପୃଥିବୀର ସ୍ଥିରଚିତ୍ର ଅସ୍ୱଷ୍ଟ ଓ ଅସ୍ଥିର
ଦୋଦୁଲ୍ୟମାନ ପୁଣି ଅକ୍ଷ୍ୟାଂଶ ଦ୍ରାଘିମା
ବାୟାଚଢ଼େଇର ଝୁଲନ୍ତା ବସାରେ
ବିଷାକ୍ତ ସର୍ପଙ୍କ ତାଣ୍ଡବ ।

ଆଖି ସାମ୍ନାରେ ନିକାଞ୍ଚନେ ପହଁରିଯାଏ
ଜୀବନ ଗଣିତର ଯେତକ
ସିଦ୍ଧାନ୍ତଶୂନ୍ୟ ସମୀକରଣ
ମିଶାଣ-ଫେଡ଼ାଣ-ଗୁଣନ-ହରଣ ।

ତଥାପି କାହିଁକି ଭାରି ଖୁସି ଲାଗେ
ଉଡ଼ନ୍ତା ଚଢ଼େଇର ପର ଗଣିବାରେ
ଅବା ଧୂସର ସ୍ୱପ୍ନର ହାଡୁଆ ଦିହରେ

ଚକମକ ରଙ୍ଗ ମାଖିବାରେ ।

ପୁଣି କେବେ କେବେ ଇଚ୍ଛାଟିଏ ଗଜୁରୁଥାଏ
ଅତୀତର ସେ ମୋହଗ୍ରସ୍ତ ନିବିଡ଼ତାର
ଚୌହଦିରେ ନିଜକୁ ହଜାଇ ଦେବାରେ ।

ଆଜି କାହିଁ ଫୁଲଠୁ ଆହୁରି କୋମଳ ଲାଗେ
କଣ୍ଟାର ଯେତେ ତୀବ୍ର ଜ୍ୱଳନ୍ତ ଦହନ
ଆପଣାଠୁ ବଳି ଆପଣା ଲାଗେ
ପ୍ରଲମ୍ବିତ ଦୂରତ୍ୱର ଅସଂଲଗ୍ନ ସମ୍ମୋହନ ।

ତେବେ କାହିଁକି ଏ ଅହେତୁକ ବିଳମ୍ବ ?
ଆସ ଫିଙ୍ଗିଦେଇ ଯେତେ ରାଗ ହିଂସା
ଚିରୁଡ଼ାଏ ଭଙ୍ଗା ନିଶ୍ୱାସକୁ ହାତରେ ଜାବୁଡ଼ି
ଓହଳିପଡ଼ିଥିବା ଶୂନ୍ୟତାର ଛାତିରେ
ପାଦ ଚାପି ଧୀରେଧୀରେ ଆଗେଇ ଚାଲିବା ।

ହସ ହେଉ ବା ଲୁହ; ସୁଖ ହେଉ ବା ଦୁଃଖ
ନୀରବରେ ସବୁତକ ସମର୍ପିଦେଇ ସମୟକୁ
ହସିହସି ଅବଶିଷ୍ଟ ଜୀବନକୁ
ଜିଇବାର ସୂକ୍ଷ୍ମ କଳାଟିଏ ଶିଖିନେବା ।


♥ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧




## ଭଗବାନ


### ବର୍ଷାସ୍ନାତା ପଣ୍ଡା


ଆଜି ଭଗବାନଙ୍କୁ ଦେଖିଲି
ମଝି ରାସ୍ତାରେ
ଆବୁରୁ ଜାବୁରୁ
ହେଇ ପଡ଼ିଥିଲେ । ତାଙ୍କ ଲୁହରୁ
ରକ୍ତ ପୋଛିଲା ବେଳେ
କାହିଁ କେଜାଣି
ମୋ' ହାତ ଥରୁଥିଲା;
ହେଲେ ମୋ' ଆଖିରେ
ଲୁହ ନଥିଲା ।
ଆଜି ଭଗବାନଙ୍କୁ
ଅଇଁଠାକଣ୍ଟାରୁ କାଢ଼ି
ଭାତ ମୁଠେଇ ଖୋଇଦେଲି,
ସେ ଆଖି ଖୋଲି
ମୋତେ ଚାହିଁଲା ବେଳକୁ
ମୋ ପ୍ରତି ତାଙ୍କ ସହାନୁଭୂତି
ଆଖିରେ ଜକେଇ ଆସୁଥିଲା ।


♥ସାହୁପଡ଼ା, ବାଲେଶ୍ୱର
ମୋ: ୮୨୪୯୨୪୬୦୧୩




## ଈଶ୍ୱର କେଉଁଠି


### ନୀଳମଣି ଚାନ୍ଦ




ଈଶ୍ୱର କେଉଁଠି ବୋଲି
କେବେ କେବେ ପଚାରେ
'ସେ କେଉଁଠି' ଏଇ ପ୍ରଶ୍ନ
ବସି ବସି ବିଚାରେ ।

ଦେଖିବାକୁ ସେ କେମିତି
ଭାବୁଥାଏ ମନରେ
ପୂଜା କରନ୍ତି କାହିଁକି
ଜଗତର ଜନରେ ।

କେ କହେ ସିଏ ସର୍ବଜ୍ଞ
ସର୍ବଶକ୍ତିମାନରେ
ସର୍ବବିଦ୍ୟମାନ କଥା
ପଡ଼େ ନିତି କାନରେ ।
ଏ ପ୍ରଶ୍ନ କେତେ ସରଳ
ଜଟିଳ ଯେ କେତେରେ

ନାନା ମୁନୀ ନାନା ମତ
ଶାସ୍ତ୍ର କହେ ସତରେ ।

ବୁଝି ବି ଅବୁଝା ସିଏ
ଈଶ୍ୱର ହିଁ ଈଶ୍ୱର
ଭାବକୁ ନିକଟ ସିଏ
ଏ ତ ସୂକ୍ଷ୍ମ ବିଚାର ।




♥ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭


## ତୁମପାଇଁ ମିଠାଗୀତ


### ପ୍ରଶାନ୍ତ କୁମାର ଦାଶ




କେବେ ଦେଖାହେଲେ
ଶୁଣାଇବି ହସି
ମିଠାଗୀତ ପଦେ ସାଥୀ
ତମେ ପାଖେ ଥିଲେ
ହସିଦେବ ଜହ୍ନ
ଚେଇଁ ଉଠିଯିବ ରାତି ।।

ତମେ କହିଦେବ
ପାଖେ ବସି ମୋର
ପ୍ରେମ ଗପଟିଏ ସଖୀ
ସମୀର ସମାନ
ପ୍ରଣୟ ଚନ୍ଦନ
ଦେହେ ଦେବ ମୋର ମାଖି ।।

ତୁମ ହୃଦୟର
ମିଠା ସ୍ପନ୍ଦନକୁ
ଭୁଲିତ ପାରୁନି ପ୍ରିୟା
ତୁମ ଭାବ ଜ୍ୟୋତି
ତୋଳେ ଅନୁରାଗ
କୋହ ଭରିଦିଏ ହିଆ ।।

ତୁମେ ମୋ ଜୀବନ

ଆକାଶର ସତେ
ରାତି ଆକାଶର ଜହ୍ନ
ଜହ୍ନ ଜୋଛନାରେ
ଦେଖିପାରେ ସାଥୀ
ମିଳନର ଉପବନ ।।

ତମେ ଫଗୁଣର
ସୁମନ ସୁବାସ
ମୁଁ ଯେ ଶ୍ରାବଣର ମେଘ
ମିଳନ ମୁହୂର୍ତ୍ତେ
ଆସି ଢାଳିଦିଅ
ପ୍ରୀତି ସୁଖ ଅନୁରାଗ ।।


♥କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦




## ଭଗବାନ


### ମନୋଜ କୁମାର ମେହେର


ଗାଁ କନିଆ ସିଙ୍ଘାଣୀ ନାକି
ଗାଆଁର କନିଆ ସୁନ୍ଦରୀ ହେଲେ ବି
ସିଙ୍ଘାଣି ନାକୀଟି ସିଏ,
ଯେତେ ଗୁଣ ଜ୍ଞାନ ଅରଜି ଥିଲେ ବି
ନିନ୍ଦିତ ସେ ହୋଇଥାଏ ।
ଦୂର ପରବତ ଦିଶଇ ସୁନ୍ଦର
କିଣିନିଏ ମନ ଆମ,
ପାଶ ପରବତ ସୁନ୍ଦର ହେଲେ ବି
ଲାଗଇ ଭାରି ବିଷମ ।
ଗାଆଁର ପଣ୍ଡିତ ସମ୍ପନ୍ନ ବ୍ୟକ୍ତିତ୍ୱ
ପାଏ ନି କେବେ ସମ୍ମାନ,
ଯେତେ ଦୂରେ ସେତେ ସମ୍ମାନ ମିଳଇ
ପାଶେ ପରା ହୀନିମାନ ।
ଦୂରର ବନ୍ଧୁଟି ଲାଗେ ଆପଣାର
ସବୁବେଳେ ଥାଏ ଭାବ,
ପାଖର ବନ୍ଧୁଟି ହୁଏ ଅନାଦର
ଥିଲେ ବି ଭଲ ସ୍ୱଭାବ ।
ନିଜ ଘରରନ୍ଧା ହୁଏ ନି ପସନ୍ଦ
ଲାଗଇ ଅଲଣା ଭାରି,
ବାହାରିଆ ଖାଦ୍ୟ ବେଶୀ ସୁଆଦିଆ
ସତେ ମିଠା ଖିରି ପୁରି ।
ଗୁଣ ଜ୍ଞାନ ଚିହ୍ନି ଦିଅନ୍ତୁ ସମ୍ମାନ
ହେଉ ଦୂର ଅବା ପାଶ,
ସମାଜେ ସୁଖ୍ୟାତି ପାଇବେ ସେମାନେ
ଉଡିବ ତାଙ୍କର ଯଶ ।


♥ବାଣ୍ଡିବାସୁଲ, ଜୁନାଗଡ,
କଳାହାଣ୍ଡି
ମୋ-୯୩୩୭୭୯୩୧୫୭


## ଦେଇପାରି ନଥିବା ପ୍ରଶ୍ନଚିହ୍ନ


### ଶୁଭସ୍ମିତା ତ୍ରିପାଠୀ




ଏମିତି ବି ହେଇପାରେ
କଥା କହୁକହୁ ଶୋଇଯାଇଥିବା
କେଉଁ ଅବୁଝା ଝିଅର ନିରୀହ ନିଦୁଆ ଆଖିରେ
ହଜି ଯାଇଥିବି ମୁଁ,
କାହା ଶୁଖିଲା ଲୁହ ଗାରର
ଲିଭିଲା ଚିହ୍ନ ହେଇ
ସେଇମିତି ଲାଖିଥିବି ଗାଲ ଉପରେ,
ଭିଜି ଯାଉଥିବି ଅଦିନ ବର୍ଷାରେ
ଝରି ପଡିଥିବି ହଳଦୀ ଜୁଡୁବୁଡୁ
କନିଅର କଢ଼ ଭଳି
କେଉଁ ରାତି ଜାଗି ବସିଥିବା
ଅନୁଢ଼ା ଝିଅର ଓଢଣୀରୁ
କେବେ ହେଇଥିବି
କେଉଁ ବାଧ ପ୍ରେମିକାର ଆଖିରେ
ଅଧାଲିଭା ହଳେ କଜଳ ଗାର, କଣ୍ଟା ହେଇ
ଜହ୍ନକୁ ଗୋଲାପ ଯାଚୁଥିବି
କହୁଥିବି,"ପ୍ରେମରେ ପଡି ନାଲିରଙ୍ଗକୁ ଏତେ
କଣ ଡର... !"
ହେଇପାରେ,ମୁଁ ହେଇଥିବି
କେଉଁ ମୁଲାୟମ ଓଠ କୋଣର
ଗରମ କଫିରେ ଜଳି ଯାଇଥିବା ଦାଗ,
କେଉଁ ଉତୁରା ଭାତ ହାଣ୍ଡିରୁ
ବୋହି ପଡୁଥିବା ଭୋକ,
ନିଅଣ୍ଟିଆ ଆୟୁଷ ଲାଗି ତାରାର ପାଉଁଶରେ
ଓଜନ ସହି ପାରୁନଥିବା ପଦ୍ମପତ୍ରର ପାଦ,
କାଠଚମ୍ପାର ଗଛ ତଳେ
କାହାର ହଜି ଯାଇଥିବା ପଟେ ଝୁମକା,
ଡାକବାଲାର ଡାକରେ କେବେ
ଠିକଣା ଖୋଜି ପାଉନଥିବା ଗୋଟେ ଚିଠି,
ସବୁ ମାସ ଗୋଟେ ନିର୍ଦ୍ଧିଷ୍ଟ ପତ୍ରିକାର
ରଙ୍ଗିନ ପୃଷ୍ଠାରେ

ଲେଖି ହେଇ ଯାଉଥିବା
ଗୋଟେ ମୋହର କବିତା,
ପୋଡି ଯାଇଥିବା କାହା ଧାନ ଖଳା କୋଣରେ
ଅଦିନରେ ଫୁଲ ଫୁଟଉଥିବା
ଗୋଟେ ଚରାଟ ଫୁଲର ଗଛ,
କାହା ଦୁଇ ସରୁ ଭ୍ରୁଲତା ମଝିରେ
ଲାଖି ରହିଥିବା ଗୋଟେ
ଗାଢ଼ ରଙ୍ଗର ନୀଳ ବିନ୍ଦି,
ଟାଉନ ବସ୍‌ର ଝର୍କା କୋଣରେ ବସି
ଆଖିରୁ ଚୁପଚାପ ଲୁହ ପୋଛୁଥିବା ସକାଳ,
ସନ୍ଧ୍ୟାର ଅସ୍ତ ସୂର୍ଯ୍ୟ ସାଙ୍ଗେ
ହଳେ ପକ୍ଷୀ ଡେଣାର
ଦରଜ ହେଇ ଫେରିବାର ବେଳ !
ହେଇଥିବି,
କେଉଁ ଉପନ୍ୟାସ ଛାତିର ପୃଷ୍ଠା ଭିତରେ
ଅଣନିଶ୍ୱାସୀ ହେଉଥିବା ଗୋଟେ ଗୋଲାପ,
ନିଜେ ନିଜ ଭିତରେ
ସମୁଦ୍ର ଶୁଖଉଥିବା ପୃଥିବୀ,
ନିଜ ଲେଖା କବିତାର କାଗଜରେ
ଡ଼ଙ୍ଗା ଗଢି ଭସେଇ ପାରୁଥିବା ପାପୁଲି
ଯାହା ହେଇ ପାରିନି କେବଳ
ପଚାରିବାକୁ ଥିବା ତମାମ୍ କଥା ମୋର,
ଆଉ ପ୍ରଶ୍ନିଳ ଧାଡି ମାନଙ୍କର ଶେଷରେ
କେବେ ବି ଦେଇ ପାରି ନଥିବା
କେଇଟା ପ୍ରଶ୍ନ ଚିହ୍ନଙ୍କ ଛାପ !


♥ବ୍ରହ୍ମପୁର, ଗଞ୍ଜାମ
ମୋ: ୮୪୮୦୮୬୭୧୯୦


## ଥାଉ ଅନ୍ଧାର


### ଡ. ଦୀପକ କୁମାର ମିଶ୍ର


ଜଳେ କିଏ -ଦୀପ, ସଳିତା ନା ତୈଳିକ ଇନ୍ଧନ,
ନା କେବେ ସରୁନଥିବା ଅନ୍ଧାର ବିରୋଧରେ
ଲିପ୍ତ ବାମପନ୍ଥୀ ଗରିଲାଯୁଦ୍ଧର
ଅନ୍ଧ ହିଂସ୍ରକ ମଶାଲ ।
ଆଖିବନ୍ଦ କଲେ ଅନ୍ଧାର, ମାତୃଗର୍ଭରେ ଅନ୍ଧାର
ସମୁଦ୍ର ବୁକୁରେ ଅନ୍ଧାର, ନଈ ସୁଅରେ ଅନ୍ଧାର
ମାଟି ସନ୍ଧିରେ ଅନ୍ଧାର, ଗଛ କୋରଡରେ ଅନ୍ଧାର
ସଚରାଚର ବିଶ୍ୱରେ
ଅମରତ୍ୱ ଅନ୍ଧାରର
ଗଣତାନ୍ତ୍ରିକ, ଜନମଙ୍ଗଳକାରୀ ହିତୈଷୀ ଶାସନ ।
ଅନ୍ଧାରର ମର୍ଜିରେ ଆଲୁଅ ବିସ୍ଥାପିତ କରେ ନିଜକୁ ନିଜେ
ନିୟନ୍ ଓ ନିୟତିର

ନିଷ୍ଠୁର ଆଲୁଅ ତଳକୁ
ସଞ୍ଜର ଛାତିରେ ଅସ୍ତଗାମୀ ଆଲୋକିତ
ସୂର୍ଯ୍ୟକୁ ଲକ୍ଷ୍ୟକରି
ନୀଡ଼କୁ ବାହୁଡ଼ନ୍ତି ପ୍ରେରଣାର ପକ୍ଷୀ କଳରବ ।
ଅନ୍ଧାର ଅଛି ବୋଲି ବିଶ୍ୱାସ ଅଛି, ପ୍ରେମ ଅଛି
ସହବାସ ଅଛି, ସର୍ଜନା ଅଛି
ନତୁବା ଶାଶ୍ୱତପ୍ରେମର ଚନ୍ଦାପଣକୁ
ଖୁବ୍ ଖୁଣ୍ଟିଥା'ନ୍ତ ତୁମେ ପ୍ରେମର ଅୟଂଆରମ୍ଭରୁ ।
ଥାଉ ଅନ୍ଧାର, ଏକଦମ ଆଖିବୁଜା ନିରୀହପଣ
ଥାଉ ମଧ କିଛି ସମ୍ପର୍କମାନଙ୍କର
ଅନୁଚ୍ଚାରିତ, ଅବିଚାରିତ ଗୋପନ ସରାଗ
ଖୁଲମଖୁଲା ଆଲୁଅର ଭରା ରାଜସଭାରେ
ଆଉ ନହେଉ କେଉଁ ଠିଆ ବସ୍ତ୍ରହରଣର
ମୁଣ୍ଡନୁଆଁ ଅଲାଜୁକ ପର୍ବ ।






ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ସେନାପତି


### ସୁଜିତ କୁମାର ମିଶ୍ର




କାହିଁ ଗଲେ ସେନାପତି
ଆଉ ତାଙ୍କ କମନୀୟ ତାତି ?

ମନେ ପଡନ୍ତି ସେ ଜନ୍ମ ଜୟନ୍ତୀରେ
ସଫେଦ ଆଲୋକର ସୁଅରେ,
ପୁନଶ୍ଚ ଫେରେ ଅନ୍ଧକାର
ଅନ୍ଧତ୍ୱର ମାୟା ରଙ୍ଗରେ ।

ଅନ୍ତର ଯେଉଁଠି କପଟୀ ସ୍ୱାର୍ଥର ନିଷ୍ଠା
ମାମୁଁ ଲଛମା, ରେବତୀର
ଭିଜାଭିଜା ପୃଷ୍ଠା
ପ୍ରାଣରେ କି ହୋଇଛି ପ୍ରତିଷ୍ଠା,
କୋହ ଡାକବାଜି ଯନ୍ତ୍ରର
କେତେ ଚମକ,
ଶଠ ଛାଇରୁ ଭିନ୍ନ ହୋଇ
କେଉଁ ଏକ ନିରାପଦ ସ୍ଥାନଟିଏ
ବାଛି ନେଇଛନ୍ତି ସଂକ୍ରାନ୍ତି ପୁରୁଷ ।

ପଲପଲ ପଙ୍ଗପାଳକଂ
ସବୁଜ କ୍ଷେତରେ ସମାବେଶ,
ଭାଷା ଯନ୍ତ୍ରଣା ଏଠି
ଦାଉ ଦାଉ ଜଳେ,
ଦଳ ଦଳ କୁଆ କୁହାଟୁଛନ୍ତି
ଦଲାଲୀ ହୁକୁମ ବଳେ,

ରାଣ୍ଡି ପୁଅ ଅନନ୍ତା ମାଟିର ନା ଭାଟିର
ତର୍କର ପାହାଡରେ,
ସେନାପତି ଭୋଗୁଛନ୍ତି
ନିର୍ମମ ଅବଶୋଷ,
ଅଳନ୍ଧୁ ହଟାଇ
ଦେଖ ଦେଖ ତାଙ୍କ ଲୁହର ନିର୍ଯ୍ୟାସ ।

ମକର ଆସିଲେ କାହିଁ ମନେ ପଡ ଯେ ତୁମେ ?
ଇଏ ପ୍ରେମର ଉତ୍ତରାୟଣ ଗତି
ନା ଚରମ ସ୍ୱାର୍ଥର
ଦୁଷ୍ଟ ନିୟତି,
ତୁମେ ହିଁ କହିପାରିବ ପୁଣି
ବସିଲେ ଆସନେ ।

ଜୀଇଁବାର ଜୀବିକା
ତୁମକୁ କରିନଥିଲା ମୂର୍ଚ୍ଛା,
ତୁମ ଦହନ ତୁମକୁ କରିଥିଲା

ଏ ମାଟିର ମହାଜ୍ୟୋତି,
ସେପାଇଁ ତ ଗ୍ରାମେ ଗ୍ରାମେ
ଗ୍ରାମ୍ୟପଥର ତୁମେ ଥିଲ ନୀରବ ବିଦଗ୍ଧ ଗ୍ରାହକ,
ମାଟି ଗୋଡି ପାଣି ପବନ ତୁମ
ଛାତି ତଳର ଭେକ ଆଉ ଭୋକ,
ଅନ୍ତର୍ଦାହର ଅନଳ ଶିଖାରେ
ତୁମେ ହିଁ ତ ଥିଲ ଅୟୁତ ଅୟୁତ
ମମତ୍ୱବୋଧର ମାଟି ପ୍ରାଣ ଇଚ୍ଛା ।

ଧାଇଁ ଯାଆନ୍ତି ଦରଦୀ ବନ୍ଧୁ ମାନେ
ତୁମ ଜନ୍ମମାଟିକୁ ସାଉଁଟିବାକୁ
କିଛି ପ୍ରଶଂସାର ଧନ,
ବାକିଦିନେ ପାଲଟନ୍ତି ପଳାଶବନର
ଶାଖାଡାଳ,
ଦରାଣ୍ଡି ଦରାଣ୍ଡି ପୋଖରୀର
ମାଛଧରା କେଉଟ ମାନେ
କେବେ କେଜାଣି ହେବେ
ଦରଦୀପଣର ଦୁର୍ବାଦଳ ?
ମୋହ ଆଉ ମହୋଦଧିରୁ ହିଁ ତ
ଝଂକୃତ ମହନୀୟତାର ବଂଶୀସ୍ୱନ ।

ସେ ରେବତୀ ହେଉ ଅବା ରାଣ୍ଡୀପୁଅ ଅନତା,
ସେ ଡାକ ମୁନସୀ ହେଉ ଅବା
ସଭ୍ୟ ଜମିଦାର
ସବୁଠି ତାଙ୍କ ହୃଦୟ
ଭଙ୍ଗା ଦର୍ପଣ ପରି କେତେ ହାହାକାର,
ଅଭାବୀପଣର ବିକ୍ଷିପ୍ତ ତାତି,
ରୁଗଣ ଦେହର ପ୍ରତାରଣାରେ ବି

ସେ ଥିଲେ ବିଷ ପାନ କରୁଥିବା
ବିଶାଳ ଛାତି,
ଏବେ ସାଗରର ତୈଳଚିତ୍ରରେ
ଆମେ ଉଲ୍ଲସିତ ଜାତି ।

ପାଦ ସଳଖି ନଥିବା ଛେଉଣ୍ଡିଆ ମଣିଷ
ବିଳମ୍ବିତ ସ୍ୱପ୍ନର ରଙ୍ଗ,
ପର ଆପଣାର ସଡକପଥକୁ ଭେଦି
କୋଟିଏ କୋହକୁ ଚାପି
ସେ ଥିଲେ ସିଦ୍ଧହସ୍ତ ଯୋଦ୍ଧା,
ଭାଷା ପାଇଁ ବିଦଗ୍ଧ ରାଗ,
ଗୋରାଙ୍କ କଳାନୀତିର ସେ ଥିଲେ
ଚରମ ଦ୍ରୋହର କ୍ରାନ୍ତି,
ନହେଲେ କାହିଁକି ଉଦାସୀ ଉଦାସୀ
ଏ ମାଟି ପଣତରେ ଚମକୁଥାଆନ୍ତେ
ସେ ଆଉ ମକର ସଂକ୍ରାନ୍ତି ?

ଦୁହାଁଳିଆ ଗାଈର ମୋହରେ
ଚହଲୁଥିବା ମନ
କେବେ ଛୁଇଁବ ସେ ସେନାପତୀୟ ସ୍ପନ୍ଦନ ?

ପ୍ରତିଯୋଗିତା ନୁହେଁ ପ୍ରୀତିର
ମକର ସଂକ୍ରାନ୍ତି
ସେନାପତି ମାନଙ୍କ ହିଁ ଜନ୍ମ ଜୟନ୍ତୀ ।


♥ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨


## ତୁମକୁ ପାରେନି ଛୁଇଁ


### ନୀଳାମ୍ବର ପଣ୍ଡା




ମୋ ଭଲପାଇବା ମଞ୍ଜୁଳ ମାଳଞ୍ଚେ
ତୁମେ ଟହଟହ
ପ୍ରୀତିର କରବୀ
ମୁଗ୍ଧାନ୍ୱିତେ ଢଳଢଳ
ଉଷ୍ଣ ଭାବୋଚ୍ଛ୍ୱାସେ ସ୍ଫୁରିତ ବୟସ-
ସଂପୂରିତ ଦେହ-
ରସିତ ଯୌବନ-
ରସୋତ୍ତୀର୍ଣ୍ଣେ ଛଳଛଳ ।

ଲୁବ୍ଧ ରୂପନ୍ୟାସେ ଦୈହିକ ଉଭାସେ
ପ୍ରୀତ ଭାବାବେଶେ
ହୃଷ୍ଟେ ପ୍ରକଟୁଛ
ଅଧରା ଅଛୁଆଁ ଥାଇ
ପ୍ରାବୃତ୍ତିକଗତ ଦେହୋଷ୍ଣଦୀପନେ
ପ୍ରେମାନୁରଞ୍ଜିତ-
ସ୍ନାୟୁ ଆଲୋଡନେ
ମାଦକତା ଚଅଁରାଇ ।

ଆପଣାପଣର ଅନ୍ତରଙ୍ଗତାରେ
ପାଶେ ବସିବାକୁ
ଯେତେ ପାଖେଇଛି

ତମେ ଯାଉଥାଅ ଘୁଞ୍ଚି
ସରମୀ ଆଖିର ଚୋରାଚାହାଣୀରେ
ସୁହାଗ ଚର୍ଚ୍ଚିତ ଭାବଭଙ୍ଗୀମାରେ
ରୋମାଞ୍ଚ ମେଞ୍ଚାଏ ବିଞ୍ଚି ।

ତୁମ ଦେହାବର୍ତ୍ତ ମୋହିତ ଲାବଣ୍ୟେ
ଉଷ୍ଣ ଆଲିଙ୍ଗନେ
ଦଣ୍ଡେ ହଜିବାକୁ
ମନ ଯେବେ ଗୁଞ୍ଜରଇ
ବିଡମ୍ବନା ମାତ୍ର ଦେଶ-କାଳ-ପାତ୍ର
ବାଛ ବିଚାରଣ
ବାଧକ ସାଜଇ
ତିଳେ ନପାରଇ ଛୁଇଁ ।


♥ଭୁବନେଶ୍ୱର
ମୋ: ୭୬୮୧୦୨୧୮୩୦

# ମଣ୍ଡିରେ ମିଲର୍ସ ରାଜ୍, ୩ରୁ ୬ କେଜି ପର୍ଯ୍ୟନ୍ତ କଟନିଛଟନୀ

ନୂଆପଡ଼ା, ୨/୨ (ନି.ପ୍ର): ନୂଆପଡ଼ା ଜିଲ୍ଲାର ପ୍ରାୟ ସମସ୍ତ ମଣ୍ଡିରେ ଅବ୍ୟବସ୍ଥା ଦେଖାଯାଇଛି । ମଣ୍ଡିରେ ମିଲର୍ସ ରାଜ ଚାଲିଥିବା ବେଳେ ସାଧାରଣ ଚାଷୀ ତଳିତଳାନ୍ତ ହେଉଛନ୍ତି । ମିଲର୍ସ ଏବଂ ସରକାରୀ କଳର ମଧୁଚନ୍ଦ୍ରିକା କାରଣରୁ ସେମାନେ ମାଲେମାଲ ହେଉଥିବା ବେଳେ ଚାଷୀ ଉପଯୁକ୍ତ ମୂଲ୍ୟ ପାଇବାରୁ ବଂଚିତ ହେଉଛନ୍ତି । ତଥାପି ପ୍ରଶାସନିକ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଜିଲ୍ଲାର ବିଭିନ୍ନ ମଣ୍ଡି ସହ ଖଡିଆଳ, ତୁକଲା, ଡୁଆଝର, ବରଗାଁ, ସାନମହେଶ୍ୱର, ଭୂଲିଆସିକୁଆଁ ସହ ଅନ୍ୟାନ୍ୟ ମଣ୍ଡି ମାନଙ୍କରେ ବ୍ୟାପକ ମାତ୍ରାରେ କଟନିଛଟନୀ ହେଉଅଛି । ଚାଷୀଙ୍କ ପ୍ରତି କ୍ୱିଣ୍ଟାଲ ପିଛା ୩ ରୁ ୬ କେ.ଜି. ପର୍ଯ୍ୟନ୍ତ କଟନିଛଟନୀ ହେଉଅଛି । ଏଥିରେ ଚାଷୀ ପ୍ରତିବାଦ କଲେ ତା'ର ଧାନକୁ ଉଠାଯାଉନାହିଁ । ଯାହାଫଳରେ ଚାଷୀ ଅନ୍ୟଉପାୟ ନପାଇ ବାଧ ହୋଇ ନିରବଦ୍ରଷ୍ଟା ସାଜି ଧାନ ବିକ୍ରୟ କରୁଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ମହଲରେ ଦାବି ହେଉଛି ।

# ଆସନ୍ତା ୬ତାରିଖରୁ ସୁନ୍ଦରପୁର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

ଖଇରା, ୨/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ୧୯୭୬ ମସିହାରେ ନୟାଖଣ୍ଡି ପଞ୍ଚାୟତର ସୁନ୍ଦରପୁର ଠାରେ ପ୍ରତିଷ୍ଠାଲାଭ କରିଥିବା ଅନ୍ୟତମ ଖ୍ୟାତିସମ୍ପର୍ଣ୍ଣ ନିଳସୁନ୍ଦର ଜୀଉ ନବ କିଶୋର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ୬ତାରିଖରୁ ୮ତାରିଖ ୩ଦିନ ଧରି ଅନୁଷ୍ଠିତ ହେବ । ରାଜ୍ୟର କ୍ୟାବିନେଟ ମନ୍ତ୍ରୀ, ସାହିତ୍ୟକ, ପ୍ରଶାସନିକ ଅଧିକାରୀ, ଆଇନଜୀବୀ ଏଥିରେ ଯୋଗ ଦେବେ । ୩ଦିନ ଧରି ଓଡିଶାର ଖ୍ୟାତି ସମ୍ପର୍ଣ୍ଣ କଳାକାର ମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବେ । ସଂସ୍କୃତି ବିଭାଗ ପ୍ରଦତ୍ତ ସମ୍ବଲପୁରୀ,ଓଡିଶୀ ଓ ଅନ୍ୟକିଛି ଆକର୍ଷଣୀୟ ଟ୍ରୁପ ମଞ୍ଚରେ ନିଜର କଳା ପ୍ରଦର୍ଶନ କରିବେ । ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମସ୍ତ ପୁରାତନ ଶିକ୍ଷୟତ୍ରୀ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ଅଛି । ସେହିଭଳି ବର୍ତ୍ତମାନ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ କୁଇଜ,ସଙ୍ଗୀତ,ନୃତ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବା । ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ପୁରାତନ ଛାତ୍ର ତଥା ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇଛି । ଏହି ଅବସରରେ ଦିବାକର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀ ରେ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଡା ହରେକୃଷ୍ଣ ରାଉତ,ମାନସ କୁମାର ମହାପାତ୍ର,ହରିହର ଜେନା,ପିତାମ୍ବର ନାୟକ,ଗୋବର୍ଦ୍ଧନ ପାଇକରାୟ,ନିରଞ୍ଜନ ବେହେରା ଓ ଯଶୋବନ୍ତ ନାଇକ ପ୍ରମୁଖ ଉପସ୍ଥିତ ଥିଲେ ।

# ଚମ୍ପୁଆ ବ୍ଲକରେ ସଂପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ

ଚମ୍ପୁଆ, ୨/୨ (ନି.ପ୍ର): ଚମ୍ପୁଆ ବ୍ଲକରେ ସଂପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କର ନୀତି ଆୟୋଗ ତରଫରୁ ଦେଶର ଅନୁନ୍ନତ ଅଂଚଳର ଦ୍ରୁତ ବିକାଶପାଇଁ ସଂପୂର୍ଣ୍ଣତା ଅଭିଯାନର ଲକ୍ଷ୍ୟ ରହିଛି। ସାମାଜିକ, ଅର୍ଥନୈତିକ ବିକାଶ ସହିତ ବିବିଧ କ୍ଷେତ୍ରରେ ବ୍ୟାପକ ଉନ୍ନତି ପାଇଁ କାର୍ଯ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟଉଦ୍ଦେଶ୍ୟ । ଏହି ପରିପ୍ରେକ୍ଷୀରେ ଆଜି ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବ୍ଲକ ସାଂସଦ ପ୍ରତିନିଧି ସିଦ୍ଧାର୍ଥ କୁମାର ସିଂ, ଚମ୍ପୁଆ ବିଧାୟକ ପ୍ରତିନିଧି ସଞ୍ଜୀବ କୁମାର ବେହେରା, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ୧୫ନଂ ଜୋନ ଜିଲ୍ଲା ପରିଷଦ ରମଣି ନାଏକ, ବ୍ଲକ ଉପାଧକ୍ଷା ମଞ୍ଜୁଲତା ମହାକୁଡ, ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓମ ପ୍ରକାଶ ବାରିକ ପ୍ରଭୃତି ମଂଚାସିନଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ସଂପୂର୍ଣ୍ଣତା ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଓଡିଶାର ୬ ଗୋଟି ଜିଲାରେ ଏବଂ ୫୧୪ ବ୍ଲକରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ଶିଶୁ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ଧନ ତଥା ପାନୀୟ ଜଳ ଓ ପରିମଳର ବିକାଶ କରିବାକୁ ତା ୨୮।୧।୨୦୨୬ ରିଖ ଠାରୁ ତା ୧୪।୪।୨୦୨୬ ରିଖ ଏକ ସମୟ ସୀମା ଧାର୍ଯ୍ୟ କରାଯାଇଛି । ସେହି ସମୟସୀମା ମଧ୍ୟରେ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଜଳ ପରିମଳ, କୃଷି ତଥା ପ୍ରାଣୀଧନ ସମ୍ପଦର ଦ୍ରୁତ ବିକାଶ ସହ ସାମଗ୍ରୀକ ଉନ୍ନତି ଉପରେ ଗୁରୁତ୍ୱଆରୋପ କରାଯାଇଥିଲା । କେବଳ ବିଭାଗ ନୁହେଁ ସମସ୍ତ ଲାଇନ ବିଭାଗ ଜନ ପ୍ରତିନିଧି, ଜନ ସାଧାରଣ ଆଦି ସମସ୍ତେ ଏକ ହୋଇ କାର୍ଯ୍ୟ କରିବାକୁ ନିଷ୍ପତି ନେବା ସହିତ ଏକ ଶପଥ ପାଠ ମଧ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦର୍ଶନ ସ୍ୱରୂପ ୬ ଗୋଟି ମନୋଜ୍ଞ ପ୍ରଦର୍ଶନୀ ଷ୍ଟଲ ମଧ ନିର୍ମାଣ କରାଯାଇଥିଲା । ଏଥି ସହିତ ଯୋଜନାର ରୂପାୟନ ନିମନ୍ତେ ନୀତି ଆୟୋଗକୁ ଏକ ସ୍ୱାକ୍ଷର ଭରା ମତାମତ ମଧ ପ୍ରେରଣ କରାଯାଇଥିଲା । ଉକ୍ତ ସଭାରେ ଚମ୍ପୁଆ ବ୍ଲକର ପ୍ରତି ପଂଚାୟତର ସରପଂଚ, ପଂଚାୟତ ସମିତି ସଭ୍ୟ ସଭ୍ୟା, ପଂଚାୟତ ନିର୍ବାହୀ ଅଧିକାରୀ, ଏଡିଓ, ସ୍ୱୟଂ ସହାୟିକା ଗୋଷ୍ଠି, ଛାତ୍ରଛାତ୍ରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଆଦି ଉପସ୍ଥିତ ଥିଲେ ।

# ବାସେଳି ସାହି ବସତିରେ ହିନ୍ଦୁ ସମ୍ମିଳନୀ

ପୁରୀ, ୨/୨ (ନି.ପ୍ର): ହିନ୍ଦୁ ଜାଗରଣକୁ ନୂତନ ଶକ୍ତି ଓ ଚେତନା ପ୍ରଦାନ କରିବା ଲକ୍ଷ୍ୟରେ ସନାତନ ସଂସ୍କୃତି, ପରମ୍ପରା ଓ ସାମାଜିକ ଏକତାର ପ୍ରତୀକ ସ୍ୱରୂପ ଏକ ହିନ୍ଦୁ ସମ୍ମିଳନୀ ବାସେଳି ସାହିର ମୁଦୁଲି ଜାଗା ପରିସରରେ ଶନିବାର ରାତିରେ ଆୟୋଜିତ ହୋଇଥିଲା। ସମ୍ମିଳନୀର ଆରମ୍ଭ ବେଦ ପାଠ, ହନୁମାନ ଚାଳିଶା ଓ ନାମ ସଂକୀର୍ତ୍ତନର ମହତ୍ତ୍ୱର ଆଲୋଚନା ସହିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଉମାଶଙ୍କରଜୀ ମହାରାଜ କହିଲେ ସତସଙ୍ଗ କଲେ ଆମର ବିବେକ ଜାଗ୍ରତ ହେବ ଏବଂ ବିବେକ ଜାଗ୍ରତ ହେଲେ ଜୀବନ ସୁନ୍ଦର, ସଫଳ ହେବ ଏବଂ ସମାଜ ସଂଗଠିତ ହେବ। ସେ କହିଲେ ଯେ ବର୍ତମାନ ବିବାହ, ବ୍ରତଘର ଆଦି ଭୋଜିରେ ନିରାମିଷ ଖାଦ୍ୟ ଓ ମହାପ୍ରସାଦ ସେବନ କରିବାପରେ ଏକ ସ୍ଥାନରେ ହାତ ଧୁଆ ହେଉଛି ଯାହା ମହାପ୍ରସାଦର ଅବମାନନା ହେଉଛି ।ସମ୍ମାନିତ ଅତିଥିଭାବେ ସ୍ୱାମୀ ଶାଶ୍ୱତାନନ୍ଦ ସରସ୍ୱତୀ କହିଲେ ଆମ ହିନ୍ଦୁ ଧର୍ମ, ହିନ୍ଦୁ ସଂସ୍କୃତି ବିଶ୍ୱର ସର୍ବ ପୁରାତନ ଏବଂ ସର୍ବଶ୍ରେଷ୍ଠ ସଂସ୍କୃତି ଯାହା ଦିନେ ଭାରତକୁ ବିଶ୍ୱଗୁରୁ କରିଥିଲା। ମୁଖ୍ୟ ବକ୍ତାଭାବେ ଯୋଗଦେଇ ଡା. ତପନ ସାମଲ ସ୍ୱଦେଶୀ ଜାଗରଣ, ନାଗରିକ କର୍ତ୍ତବ୍ୟ ପାଳନ, ହିନ୍ଦୁ ଜାଗରଣର ଆବଶ୍ୟକତା, କୁଟୁମ୍ବ ପ୍ରବନ୍ଧନ, ସାମାଜିକ ସମରସତା ଓ ପରିବେଶ ସୁରକ୍ଷା ବିଷୟରେ ଉଦବୋଧନ ଦେଇଥିଲେ। ସେମାନେ ମାନବତାକୁ ହିନ୍ଦୁ ଚିନ୍ତନର ମୂଳମନ୍ତ୍ର ବୋଲି ବର୍ଣ୍ଣନା କରି, ହିନ୍ଦୁର ଅନ୍ୟ ନାମ ଭାରତୀୟତା ବୋଲି ମତ ପ୍ରକାଶ କରିଥିଲେ ।ସମ୍ମିଳନୀରେ ବାସେଳି ସାହି, ପଣାପ୍ରିୟା ଲେନ, ଗୋଛିକାର ଲେନ, ମିଶ୍ର ସାହି, ବିମାନବଡୁ ସାହି, ଘୋଡ଼ାବାସେଳି ସାହି, ନନ୍ଦ ସାହି, ରଥ ସାହି ଆଦି ଅଞ୍ଚଳରୁ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ଅଧିବାସୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ରାଜପ୍ରତିମ ମହାପାତ୍ର ଓ ଶୁଭ୍ରପ୍ରକାଶ ପଣ୍ଡା । ଜିତେନ୍ଦ୍ର ଗୋଛିକାର, ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ମଦନ ହୋତା, ଜଗନ୍ନାଥ ଦାଶ, ରାଜେଶ ନନ୍ଦ, ବୃନ୍ଦାବନ ମହାନ୍ତି, ଶଙ୍କର ଭାଇ, ଗୋପାଳ ମହାପାତ୍ର, ବାବୁନା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ଶେଷରେ ସମସ୍ତେ ମୁଦୁଲି ଜାଗା ମହାବୀର ମନ୍ଦିରର ପ୍ରସାଦ ସେବନ କରିଥିଲେ।

# ମଦ୍ରାସା ଆରାବିୟା ତାଲିମୁଲ୍ ଇସଲାମ୍‌ର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨/୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଥିବା ମଦ୍ରାସା ଆରବିୟା ତାଲିମୁଲ୍ ଇସଲାମ୍ ର ୩୧ତମ ବାର୍ଷିକ ଉତ୍ସବ ସଭାପତି ମିର୍ ହସିମୁଲ୍ଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ(ଧାମନଗର) ଶରତ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓଡିଶା ମଦ୍ରାସା ବୋର୍ଡ ତଥା ସ୍ୱତନ୍ତ୍ର ଉର୍ଦ୍ଧୁ ବିଭାଗର ନିରୀକ୍ଷକ ଅନୱର ରୁଲ୍ ହକ୍, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଜଗନ୍ନାଥ ବାହାଲିଆ, ଉମେଶ ଚନ୍ଦ୍ର ମାହାଲିକ୍, ୱାକଫ ବୋର୍ଡର ପୂର୍ବତନ ଅଧକ୍ଷ ସେକ୍ ନିଜାମୁଦ୍ଦିନ୍, ମଦ୍ରାସା ବୋର୍ଡର ପୂର୍ବତନ ସମ୍ପାଦକ ଅଫଜଲ ପରବେଜ୍, ପୂର୍ବତନ ସିଆର୍‌ସିସି ବିଭୁ ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ଉର୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଛାତ୍ର ଛାତ୍ରୀ ମାନଙ୍କର ଉତରତୋର କାମନା କରିଥିଲେ ।

# ଖଡିଆଳ ଉପଖଣ୍ଡ ସାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମସ୍ୟା: ସାସ୍ଥ୍ୟସେବା ବିପର୍ଯ୍ୟସ୍ତ

ନୂଆପଡ଼ା, ୨/୨ (ନି.ପ୍ର): ନୂଆପଡା ଜିଲ୍ଲାର ଖଡିଆଳ ପ୍ରମୁଖ ସହର । ଖଡିଆଳ ଠାରେ ଥିବା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖଡିଆଳ, ସିନାପାଲି, ବୋଡେନ, କୋମନା ଅଂଚଳର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରୁଥିବା ବେଳେ ପଡୋଶୀ ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା, ତୁରେକେଲା, ଖଡିଆଳକୁ ଲାଗି ଥିବା ନିକଟସ୍ଥ କଳାହାଣ୍ଡି ଜିଲ୍ଲାର ବୋର୍ଡା ଓ ପଡୋଶୀ ଛତିଶଗଡ଼ ରାଜ୍ୟର ଦେଓଭୋଗ ଅଂଚଳର ଲୋକେ ନିର୍ଭର କରିଥାନ୍ତି । ଦୈନିକ ୩୦୦ ରୁ ୪୦୦ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଁ ଏଠାରେ ନିର୍ଭର କରିଥାନ୍ତି । ହେଲେ ଏହି ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ କରିଦେଇଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୧୯ ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ ଜଣେ ମେଡିକାଲ ଅଫିସର(ଏମଓ) ଇନଚାର୍ଜ ରହିବା କଥା । କିନ୍ତୁ, ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଉଥିବା ଜଣାପଡିଛି । ଡାକ୍ତର ସମସ୍ୟାର ସମାଧାନ ଦାବୀ ନେଇ ଖଡିଆଳ ଅଂଚଳର ସଚେତନ ନାଗରିକ ମାନେ ଅଭିଯୋଗ କରି ଆସୁଥିଲେ ମଧ ଅଭିଯୋଗ ଅଭିଯୋଗରେ ରହିଯାଇଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଭିଯୋଗ କଲେ ମଧ ଡାକ୍ତର ସମସ୍ୟା ରହିଥିବାରୁ ଏହାର ସମାଧାନ ହୋଇପାରୁନଥିବା ସେ ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିରହିଥିବା ଡାକ୍ତର ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବୀ ହେଉଛି ।

# ଶ୍ରୀଧର ରାଉତ ଦିବ୍ୟାଙ୍ଗ ଛାତ୍ର ମେଧାବୃତ୍ତି ପ୍ରଦାନ

କେନ୍ଦ୍ରାପଡ଼ା, ୨/୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କ ଥେରାପିସେବା, ସଚେତନତା ଓ ସଶକ୍ତକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ମେଧାବୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ମେଧାବୃତି ପ୍ରଦାନ କରାଯାଇଛି। ସ୍ଥାନୀୟ ଅମର ଉଦ୍ୟାନ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଓ ଦକ୍ଷତା ବିକାଶ ଦ୍ୱାରା ସେମାନଙ୍କୁ ଯଥାର୍ଥରେ ମୁଖ୍ୟସ୍ରୋତର ସମାଜରେ ସାମିଲ କରାଯାଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ଅଭୟ ବେହେରା ଦିବ୍ୟାଙ୍ଗମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ସରକାରୀ ଯୋଜନା ସହିତ ସମସ୍ତଙ୍କ ସହଯୋଗ ଓ ପ୍ରୋତ୍ସାହନ ରହିଲେ ସେମାନେ ପାରଦର୍ଶିତା ପ୍ରଦର୍ଶନ କରି ପାରିବେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଓ ବରିଷ୍ଠ ଚିକିତ୍ସକ ଡାକ୍ତର ଗୌରାଙ୍ଗ ଚରଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପରିବର୍ତିତ ସମୟରେ ଭିନ୍ନକ୍ଷମ ବର୍ଗଙ୍କ ପ୍ରତି ସାମାଜିକ ସମ୍ବେଦନଶୀଳତା ବୃଦ୍ଧି ପାଇଛିବୋଲି ମତପ୍ରକାଶ କରିଥିଲେ। ପୁନର୍ବାସ ପକ୍ଷରୁ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟୟନରତ ବିଭିନ୍ନ ଭିନ୍ନକ୍ଷମ ବର୍ଗରୁ ନିର୍ବାଚିତ ସମୁଦାୟ ଛଅଜଣ ମେଧାବୀ ଛାତ୍ରଛାତ୍ରୀ ସର୍ବଶ୍ରୀ ରାହୁଲ ପାତ୍ର, ଲକ୍ଷ୍ମୀ ପ୍ରିୟା ଲେଙ୍କା(ଦୃଷ୍ଟିବାଧିତ), ବିବେକ ପାତ୍ର, ଆୟୁଷକାନ୍ତ ବେହେରା, ରୋନକ ପରିଡ଼ା(ଚଳନଶକ୍ତି ବାଧିତ) ଓ ନେହା ଭୋଇ(ଥାଲାସେମିଆ) ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କାର ମେଧାବୃତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁନର୍ବାସ ପକ୍ଷରୁ ପ୍ରଥମ କରି ଜିଲ୍ଲାରେ ପାରାକ୍ରୀଡ଼ାର ପ୍ରୋତ୍ସାହନ ନିମନ୍ତେ ପ୍ରଥମ ବାମା-ଯଦୁମଣି ଉତ୍କର୍ଷ କ୍ରୀଡା ପୁରସ୍କାର ଆନ୍ତର୍ଜାତିୟ ପାରାକ୍ରୀଡ଼ାବିତ୍ ରଞ୍ଜିତ ଚାନ୍ଦଙ୍କୁ ଟ୍ରଫିସହ ଦଶ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

# ୩ଦିନିଆ ପ୍ରତିଭା ମହୋତ୍ସବ ଉଦ୍‌ଯାପିତ



ଖଇରା,୨।୨ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ପଡିଆରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ୩ଦିନିଆ ପ୍ରତିଭା ମହୋତ୍ସବ ରବିବାର ସଂଧ୍ୟାରେ ସଭା,ସମ୍ବର୍ଦ୍ଧନା ସାଙ୍ଗକୁ ନାଚଗୀତର ମୂର୍ଚ୍ଛନାରେ ଉଦଯାପିତ ହୋଇ ଯାଇଛି । ଉପଦେଷ୍ଟା ଡା ହରେକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବିଶିଷ୍ଟ ଉଦ୍ୟୋଗପତି ବିପିନ ବିହାରୀ ଦାସମହାପାତ୍ର ମୁଖ୍ୟଅତିଥି, ଶିଶୁରୋଗ ବିଶେଷଜ୍ଞ ଡା ବ୍ରଜ ସୁନ୍ଦର ସ୍ୱାଇଁ,ଖଇରା ସରପଞ୍ଚ ମାଳତୀ ସେଠୀ,ସମିତି ସଭ୍ୟା ନର୍ମଦା ଦେଓ,ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି,ପ୍ରାକ୍ତନ ସମିତିସଭ୍ୟ ପ୍ରଭାସ ଚନ୍ଦ୍ର ବାରିକ,ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର,ଶିକ୍ଷୟତ୍ରୀ ସୁଲୋଚନା ଭୋଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବହୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପ୍ରତିଭା ପରିବାର ୨୪ ବର୍ଷଧରି ପ୍ରତିଭା ଅନ୍ୱେଷଣ ଲକ୍ଷରୁ କେବେ ବିଚ୍ୟୁତ ହୋଇନଥିବା କହିଥିଲେ। ରଘୁନାଥ ପତ୍ରୀ ବିବରଣୀ ପାଠ , ସ୍ନେହଲତା ପରିଡା ଓ ସୁଦର୍ଶନ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ବେଜ,ନାରାୟଣ ବେହେରା, ମାୟାଧର ବୈଶାଖ,ନରହରି ସାହୁ,ଉପେନ୍ଦ୍ର ଭୁଜବଳ,ଗଗନ ବିହାରୀ ପଣ୍ଡା,ଲମ୍ବୋଦର ପଣ୍ଡାଙ୍କ ସମେତ ଶଙ୍ଖଫୁଙ୍କା ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ଶନିବାରର ଦ୍ୱିତିୟ ସଂଧ୍ୟାରେ ବୁଦ୍ଧିରାମ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ତହସିଲଦାର ଅମିତ ରଞ୍ଜନ ହୋତା ମୁଖ୍ୟଅତିଥୀ, ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ରାଉତ,ଏଲଆଇସି ଅଧିକାରୀ ଡଃ ଗୌରଚନ୍ଦ୍ର ପଣ୍ଡା,ପ୍ରାକ୍ତନ ଜିଲା ପରିଷଦ ରାଧାକାନ୍ତ ପାତ୍ର, ଯୁବନେତା ଅଶୋକ କୁମାର ଦାସମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରତିଭା ପରିବାରର ସମସ୍ତ ସଭ୍ୟ ପଳସା,ନଛିପୁର ଓ କୁଡିଆସାହି ଗ୍ରାମବାସୀ ୩ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**AFFIDAVIT**

By virtue of an affidavit before the executive Magistrate Basudevpur, I, Ranjulata Dash, aged about 45 years, W/o-Madan Mohan das, residing village/ Po-Barandua, Ps-Basudevpur, Dist-Bhadrak declare that in my Aadhaar Card No-324474127606, Voter Id Card No- TB044215 my name has been mentioned has Ranjulata Dash, W/o-Madan Mohan Dash. But in my LIC policy bond bearing policy no - 588441176 and in my old Voter Id Card my name is mentioned as Manjulata Das. Both Ranjulata Dash and Manjulata Dash are one and same person.

Ranjulata Dash

# ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ମୂଳ ରୂପକୁ ଫେରାଇ ଆଣିବାକୁ ଦାବି:
## କେନ୍ଦୁଝର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

କେନ୍ଦୁଝର, ୨/୨ (ନି.ପ୍ର): କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ଜେନାଙ୍କ ଆହ୍ୱାନ କ୍ରମେ ଆଜି ଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା)କୁ ମୂଳ ରୂପରେ ଅକ୍ଷୁନ୍ନ ରଖିବାକୁ ଦାବି କରି ଏକ ବିକ୍ଷୋଭ ଆୟୋଜିତ ହୋଇଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବର୍ଷ ୨୦୦୫ରେ ମନମୋହନ ସିଂହଙ୍କ ଉପା ସରକାର ସମୟରେ ଏକ ଯୁଗାନ୍ତକାରୀ ନିଷ୍ପତି କ୍ରମେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରି ଶ୍ରମିକ ମାନଙ୍କୁ କର୍ମ ନିଯୁକ୍ତିର ଅଧିକାର ପ୍ରଦାନ କରାଯାଇଥିଲା। ତେଣୁ ଦାବି କରିବାର ପନ୍ଦର ଦିନ ଭିତରେ କାମ ନମିଳିଲେ ଶ୍ରମିକଙ୍କୁ ଭତା ଦେବା ବ୍ୟବସ୍ଥା ଥିଲା। ଏହାଦ୍ୱାରା ଦୁଃଖଦ ଦାଦନ ସମସ୍ୟା ଲାଘବ ହୋଇ ଶ୍ରମିକଙ୍କ କଲ୍ୟାଣ ହେଉଥିଲା ଗ୍ରାମୀଣ ଲୋକଙ୍କ ପ୍ରଭୂତ ଉନ୍ନତ ହେଉଥିଲା ପ୍ରାୟ ୫/୬ କୋଟି ପରିବାର ନିୟମିତ କାମ ପାଉଥିଲେ। ସମୁଦାୟ ମନରେଗା କାର୍ଯ୍ୟରେ ୬୦ ପ୍ରତିଶତ ମହିଳାଙ୍କ ଭାଗିଦାରୀ ରହିଥିଲା। କିନ୍ତୁ ଅପରପକ୍ଷେ ଏବେ ଏନଡ଼ିଏ ସରକାର ଦ୍ୱାରା ପ୍ରଣେତ ଭିବିଜୀରାମଜୀ ସମ୍ପୂର୍ଣ୍ଣ ରୂପେ ଅଲଗା ପ୍ରକାର ବ୍ୟବସ୍ଥା। ଏହା ଶ୍ରମିକଙ୍କୁ କାମ ଦେବା ନାମରେ ଶ୍ରମିକ ମାରଣ କାର୍ଯ୍ୟକ୍ରମ। କେନ୍ଦ୍ର ନିଜ ଦାୟିତ୍ୱ କମେଇ ଏହି ବ୍ୟବସ୍ଥାରେ ନିଜ ଅନୁଦାନ ୯୦ ପ୍ରତିଶତରୁ ଖସାଇ ୬୦ ପ୍ରତିଶତକୁ ଆଣି ଆସିଛି। ରାଜ୍ୟ ଓ ସ୍ଥାନୀୟ ଅଧିକାର ହ୍ରାସ କରି ଏହି ଯୋଜନା କେନ୍ଦ୍ରୀୟ ସହାୟତା ଆଧାରିତ ହୋଇଛି ଯାହାଦ୍ୱାରା ଶ୍ରମିକଙ୍କ ନିଯୁକ୍ତି ଅନିଶ୍ଚିତତା ଆଡ଼କୁ ଚାଲିଯାଇଛି। ଶ୍ରମ ଋତୁରେ କର୍ମ ହ୍ରାସ ଲାଗି ଶ୍ରମିକ ନିଶ୍ଚିତ ପ୍ରଭାବିତ ହେବେ ସେମାନଙ୍କ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଯିବ। ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ଏକ ନିକୃଷ୍ଟ କାର୍ଯ୍ୟ। ଏହି ଯୋଜନାରେ ଗ୍ରାମ୍ୟ ସ୍ୱୟଂଶାସନ କମଯୋର କରିବା ମନରେଗାର ମୂଳ ବ୍ୟବସ୍ଥାକୁ ଦୁର୍ବଳ କରୁଛି। ଗ୍ରାମୀଣ ଜୀବନ ଜୀବିକା ଉପରେ ଏବର ସରକାରଙ୍କ ଏହିପରି ଆକ୍ରମଣ ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ 'ମନରେଗା ବଂଚାଅ ସଂଗ୍ରାମ' ନାମରେ ଏକ ଆନ୍ଦୋଳନ ଆରମ୍ଭ ହୋଇଛି। ଏହାର ଲକ୍ଷ୍ୟ ହେଲା କାମ କରିବାର ଅଧିକାରକୁ ଅକ୍ଷୁର୍ଣ ରଖିବା ଏବଂ ମନରେଗାକୁ ମୂଳ ରୂପକୁ ଫେରାଇ ଆଣିବା। କଂଗ୍ରେସ କହିଛି ନୂତନ ଆଇନ ଭିବିଜୀରାମଜୀ ଗରିବ ଶ୍ରମିକଙ୍କୁ କାମ କରିବାର ଅଧିକରୁ ବଂଚିତ କରି ସେମାନଙ୍କ ପେଟକୁ ଲାତ ମାରିଛି। ଏହା ଜନ ବିରୋଧୀ ଆଇନ। ଆଦିବାସୀ ଦଳିତ ଓ ପଛୁଆ ବର୍ଗ ଲୋକଙ୍କୁ କାମ କରିବା ଅଧିକାରରୁ ବଂଚିତ କରୁଛି। ଏହି ନୂତନ ଆଇନ ଗୋଟି ଶ୍ରମିକ ଓ ଗରିବଙ୍କୁ ଅଧିକାରରୁ ବଂଚିତ କରି ୮ଟି ଶତ୍ରୁତାପୂର୍ଣ୍ଣ ଆକ୍ରମଣ କରୁଛି ରୋଜଗାର ଦେବାରେ କେନ୍ଦ୍ର ପଳାୟନ କରୁଛି ।ଏବେ କେନ୍ଦ୍ର ନୂଆ ଯୋଜନାରେ ଶ୍ରମିକଙ୍କୁ ୯୦ ପ୍ରତିଶତ ଅର୍ଥ ଦେବା ବଦଳରେ ମାତ୍ର ୬୦ ପ୍ରତିଶତ ଅର୍ଥ ଦେବ । ୫ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସେସ ଓ ଜିଏସଟି ଆଦାୟ ସତ୍ତ୍ୱେ ରାଜ୍ୟ ମାନଙ୍କ ପାଖେ ଅର୍ଥ ନାହିଁ ତେଣୁ ଶ୍ରମିକ ମାନେ କିପରି କାମ ପାଇବେ ଅର୍ଥ ପାଇବେ ଚିନ୍ତାର ବିଷୟ। ମୂଳ ମନରେଗାରେ ଦାବି ମୁତାବକ ଶ୍ରମିକ କାମ ପାଉଥିଲେ ହେଲେ ଏବେ କେନ୍ଦ୍ର କେଉଁ ରାଜ୍ୟରେ କେତେ କାମ କିପରି ହେବ ନିର୍ଣ୍ଣୟ କରିବ। ଏବେ କେନ୍ଦ୍ର ଚାହିଁଲେ କାମ ଦେବେ କିଛି ଗ୍ୟାରେଣ୍ଟି ଏଥର ଆଉ ନାହିଁ କେନ୍ଦ୍ର ଦୟାରେ ବଜେଟ ହେବ। ତେଣୁ ଏସବୁ ଅବ୍ୟବସ୍ଥା ବିରୋଧରେ କଂଗ୍ରେସ ଦେଶ ବ୍ୟାପୀ ଆନ୍ଦୋଳନ ଆରମ୍ଭ କରି ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଏକ ବଡ଼ ପ୍ରତିବାଦ ସଭା କରି ଦଳ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ଯାହାର ନେତୃତ୍ୱ ରାଜ୍ୟର ବରିଷ୍ଠ ରାଜନେତା ଜୟଦେବ ଜେନା ନେଇଥିଲେ। ସେ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ କିପରି ଏବେ ଶ୍ରମିକ ମାରଣ କାର୍ଯ୍ୟକ୍ରମ କେନ୍ଦ୍ର ସରକାର କରୁଛନ୍ତି ତାହାର ଉପସ୍ଥାପନ କରି ସତର୍କ କରିଥିଲେ। ଏହି ପ୍ରତିବାଦରେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର, ସୁଜଳ କୁମାର ସେଠୀ,ସୁବ୍ରତ ଚକ୍ର, ସଂଗ୍ରାମ ଦାସ,ସୁନେସ ଧୀର, ଉତମ କୁମାର ସାହୁ, କ୍ଷୀରୋଦ ପାତ୍ର,ଲଳିତ କୁମାର ନାୟକ, ରତ୍ନାକର ଜେନା, ହାଡ଼ିବନ୍ଧୁ ଖୁଂଟିଆ, ରାଂଚି ନାୟକ,ପ୍ରତିଭା ମଞ୍ଜରୀ ନାୟକ, ସବିତା ସାହୁ, ସୃଜନୀ ନାୟକ, ଆର୍ତ ଦାସ, ଦିନେଶ ରାଉତ, ଶେଖ ୟାସିନ, ଶେଖ ମକ୍ସୁଉଦ୍ଦିନ, ପ୍ରଦୀପ ଗିରି ଆଦି ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ବରିଷ୍ଠ ନେତା ଜୟଦେବ ଜେନା ଜିଲ୍ଲାରେ ଶ୍ରମିକ ସମସ୍ୟା ସହ ବାଲି ମୋରମ ଚୋରି ଓ ମାଫିଆଙ୍କ ଉତ୍ପାତ ଉପରେ କହି ପ୍ରତିକାର ଲୋଡ଼ିଥିଲେ।

# ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୬ର ଉଦ୍‌ଯାପନୀ ସମାରୋହ

ଭବାନୀପାଟଣା, ୨/୨ (ନି.ପ୍ର): ଆଂଚଳିକ ପରିବହନ କର୍ତୃପକ୍ଷ (ଆରଟିଏ) କଳାହାଣ୍ଡି ଏବଂ ଜିଲ୍ଲା ସଡ଼କ ସୁରକ୍ଷା କମିଟି, କଳାହାଣ୍ଡିଙ୍କ ସଂଯୁକ୍ତ ଆୟୋଜନରେ ଜାତୀୟ ସଡକ ସୁରକ୍ଷା ମାସ-୨୦୨୬ର ସମାପନ ସମାରୋହ ଆଜି ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣାରେ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୧ ରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଥିଲା। ଏହି ଏକମାସିଆ କାର୍ଯ୍ୟକ୍ରମ ଅବଧିରେ ସାଧାରଣ ଲୋକ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ପ୍ରଚାର ଓ ଶିକ୍ଷାମୂଳକ ଅଭିଯାନ ଆୟୋଜିତ ହୋଇଥିଲା।

ଆଜିର ସମାପନ ସଭାରେ ଉପ-କମିଶନର ପ୍ରତାପ କିଶୋର ପଣ୍ଡା ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଡା. ହରେକୃଷ୍ଣ ଶତପଥୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ଶୁଭ୍ରାଂଶୁ ଶେଖର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଡା. ତ୍ରିଲୋଚନ ଜେନା, ଅଧ୍ୟକ୍ଷ , ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପ୍ରବୋଧ ରଥ, ସଭାପତି, ବସ୍ ମାଲିକ ସଂଘ, ଲୋକନାଥ ସାହୁ, ଉପ-ଆରକ୍ଷୀ ଅଧୀକ୍ଷକ ଯୋଗଦେଇ ସଡକ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାଗତ ଭାଷଣ ଡା. ରାଧାରାଣୀ ନାୟକ, ଅଧ୍ୟାପିକା (ଇଂରାଜୀ), ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା ପ୍ରଦାନ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଡା. ପ୍ରତାପ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ସଡକ ସୁରକ୍ଷା ପ୍ରଚାରରେ ଅବଦାନ ରଖିଥିବା ୧୫ ଜଣ ଗୁଡ୍ ସାମାରିଟନ୍, ଅନୁଭବୀ ଟ୍ରକ୍ ଓ ବସ୍ ଚାଳକ ଏବଂ ରୋଡ୍ ସୁରକ୍ଷା ପ୍ରେରକ ସହିତ ୬ ଜଣ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ସଡକ ସୁରକ୍ଷା ଓ ହେଲମେଟ୍ ପିନ୍ଧିବାର ଗୁରୁତ୍ୱ ଉପରେ ଆଧାରିତ ଏକ ସଂକ୍ଷିପ୍ତ ସଚେତନତାମୂଳକ ନାଟିକା ପରିବେଶିତ ହୋଇଥିଲା, ଯାହା ଦର୍ଶକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା। ମିଥୁନ ପ୍ରଧାନ, ଟ୍ରାଫିକ୍ ଇନ୍ସପେକ୍ଟର, ସହ ସମସ୍ତ ଅଧିକାରୀ ଓ କର୍ମଚାରୀବୃନ୍ଦ ଏହି ସଭାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ଉଦଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ




ଉଦଳା, ୨/୨ (ନି.ପ୍ର): ସ୍ୱାଧିନତାର ୨ ବର୍ଷ ପରେ ୧୯୪୯ ମସିହା ରେ ଉଦଳାରେ ଗଢ଼ି ଉଠିଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଚଳିତ ବର୍ଷ ୭୭ ବର୍ଷ ବୟସରଙ୍କ ପଦାର୍ପଣ କରିଛି । ଚଳିତ ଫେବୃଆରି ୧ ତାରିଖ ରବିବାର ଦିନ ଉକ୍ତ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ କରାଯିବା ସହ ଅତିତର ଇତିହାସକୁ ମନେପକାଇ ସମସ୍ତେ ଭାବବିହ୍ୱଳ ହୋଇ ଉଠିଥିଲେ । ପ୍ରଧାନ ଶିକ୍ଷକ ନିତିଶ କୁମାର ଘୋଷ ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଅଧକ୍ଷତା କରି ଆଜିର ଉତ୍ସବକୁ ସଫଳ କରିବା ପାଇଁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରି ଓ ଛାତ୍ର ମାନେ ମିଳିମିଶି ଗୋଟିଏ ସପ୍ତାହ ଧରି କିପରି ପ୍ରସ୍ତୁତିରେ ଲାଗିଥିଲେ ଓ ଏହାର ରୂପରେଖ ତିଆରି କରିଥିଲେ ବ୍ୟକ୍ତ କରିବା ସହ କୃତଜ୍ଞତା ଜଣାଇଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଉଦଳା ଉଚ୍ଚ ବିଦ୍ୟାଳୟ ସରକାରଙ୍କର ପିଏମ୍‌ଶ୍ରୀ ଯୋଜନାରେ ସାମିଲ ହୋଇଛି ତେଣୁ ଆଗାମି ଦିନରେ ଏହାର ଉନ୍ନତି ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଅତିତରେ ଯେଉଁ ସମୟରେ ମାଟ୍ରିକ ପରୀକ୍ଷାରେ ସମଗ୍ର ଓଡ଼ିଶାରେ ପ୍ରଥମ ୧୦ ଜଣ ଛାତ୍ର ଛାତ୍ରୀଙ୍କୁ ବଛା ଯାଉଥିଲା ସେ ସମୟରେ ଗୋଟିଏ ବର୍ଷ ଉଦଳା ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରଥମସ୍ଥାନ ଅଧିକାର କରି ସମଗ୍ର ରାଜ୍ୟରେ ଚହଳ ସୃଷ୍ଟି କରିଥିଲେ । ପରେ ବାରମ୍ବାର ପ୍ରଥମ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର ପୂର୍ବକ ଉଦଳା ଉଚ୍ଚ ବିଦ୍ୟାଳୟ ଗୌରବ ଅର୍ଜନ କରିଥିଲା । ଏଥିପାଇଁ ଉଦଳା ଉଚ୍ଚ ବିଦ୍ୟାଳୟର ସମ୍ମାନ ବହୁ ଉର୍ଦ୍ଧରେ ବୋଲି ବ୍ୟକ୍ତ କରିଥିଲେ । ଶିକ୍ଷା କେନ୍ଦ୍ରର ପୁରାତନ ଛାତ୍ର ସଂଘର ସଂପାଦକ ଅଶୋକ ମହାନ୍ତି, ଉଦଳା ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତି କିମ୍ବା ସୁବର୍ଣ୍ଣ ଜୟନ୍ତି କିଛି ପାଳନ କରାଯାଇନଥିଲା । ତେବେ ଏହାର ୭୫ ବର୍ଷ ପୁର୍ତି ଅବସରରେ ପୁରାତନ ଛାତ୍ର ସଂଘର ନେତୃତ୍ୱରେ ପ୍ଲାଟିନମ ଜୁବୁଲି ପାଳିତ ହୋଇଛି । ଯାହାକି ଅତିତର ସବୁଯାକ ଅବଶୋଷର ପୂର୍ଣ୍ଣଚ୍ଛେଦ ପକାଇଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବ୍ଲକ ଅଧ୍ୟକ୍ଷା ମଂଜୁଲତା ବିଶ୍ୱାଳ, ପୂର୍ବତନ ନଗରପାଳ ସୌଭାଗ୍ୟ କୁମାର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ବିଦ୍ୟାଳୟରେ ଥିବା ଏନ୍.ସି.ସି. ୟୁନିଟ ଉଠିଯାଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ପରେ ପାର୍ଥସାରଥି ବିବରଣି ପାଠ କରିଥିଲେ । ଏହାପରେ ପୁରସ୍କାର ବିତରଣର ପର୍ବ ଆରମ୍ଭ ହୋଇଥିଲା । ମାନସି ମୁର୍ମୁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭୁଧେନ୍ଦ୍ର ପ୍ରତାପ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଭାରତୀୟ ବ୍ୟାଙ୍କ...

(ପୃଷ୍ଠା ୪ର ଅବଶିଷ୍ଟାଂଶ...)

ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ। ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମହିଳାଙ୍କ ଉଦ୍ୟୋଗୀ ମନୋଭାବ...

ସେମାନଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଉଦ୍ୟୋଗୀ ମନୋଭାବ ଗ୍ରାମୀଣ ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାୟଗଡ଼ା ଜିଆଏସିଆର ନିକଟସ୍ଥ ଜେଏସକୋ ପଡ଼ିଆ ଠାରେ ଆୟୋଜିତ ସୁଭଦ୍ରା ଶକ୍ତିମେଳା କାର୍ଯ୍ୟକ୍ରମରେ କହିଛନ୍ତି। ରାୟଗଡ଼ା ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ ଯେ ସ୍ୱାଧୀନତା ପାଇଁ ବଳୀଦାନ ଦେଇଥିବା ରାୟଗଡ଼ା ଜିଲ୍ଲାର ସହିଦ୍‌ମାନଙ୍କ ପ୍ରମୁଖ ଭୂମିକା ରହିଛି ଓ ରାୟଗଡ଼ା ଜିଲ୍ଲାରେ ବଡ଼ବଡ଼ ଶିଳ୍ପ ପ୍ରତିଷ୍ଠା ହେବ। ସେଠାରେ ଅଶି ପ୍ରତିଶତ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ କମ୍ପାନି ନିଯୁକ୍ତି ଦେବେଓ ଯଦି ନିଯୁକ୍ତି ଦେବାରେ କମ୍ପାନି ଅବହେଳା କରନ୍ତି ତେବେ କମ୍ପାନି ଆରମ୍ଭ କରିବା ପାଇଁ ଏନ୍‌ଓସି ଦିଆଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୃଢ଼ ଭାବରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ୩୪୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ୨୧୦ କୋଟି ଟଙ୍କା ମୂଲ୍ୟର ୪୧ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଥିବା ବେଳେ ଓ ୬୭ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ୩୪୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏସବୁ ପ୍ରକଳ୍ପ ଗୁଡ଼ିକ ସଡ଼କ, ପାନୀୟ ଜଳ, ଜଳ ସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ବିକାଶ ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୁଭଦ୍ରା ଶକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ମହିଳାମାନଙ୍କୁ କେବଳ ଲକ୍ଷପତି ଦିଦି କିମ୍ବା ସୁଭଦ୍ରା ଯୋଜନାରେ ଲାଭାର୍ଥୀ କରିବା ଲକ୍ଷ ନୁହେଁ। ସେମାନଙ୍କ ସମ୍ମାନକୁ ରକ୍ଷା କରିବା ସରକାରଙ୍କ ପ୍ରଥମିକତା। ଏହି ଆର୍ଥିକ ସହାୟତା ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ଗୁଡ଼ିକ ଆହୁରି ମଜବୁତ୍ କରିବ, ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବ ଓ ସେମାନଙ୍କର ଜୀବିକା ବୃଦ୍ଧି କରିବ ବୋଲି ସେ କହିଛନ୍ତି । ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ବିକାଶ ପ୍ରକ୍ରିୟାରେ ସବୁ ବର୍ଗର ଲୋକ ସାମିଲ ହେଉଛନ୍ତି। ଗରିବ, ଆଦିବାସୀ, ମହିଳା ଓ ଯୁବବର୍ଗ ସମସ୍ତଙ୍କର ସଶକ୍ତୀକରଣ ହେଉଛି। ବିକାଶ ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ତାହା ଆମେ ସୁନିଶ୍ଚିତ କରୁଛୁ। ଗ୍ରାମାଞ୍ଚଳ ପାଇଁ ଆମେ ରାସ୍ତା, ପାନୀୟ ଜଳ ଯୋଗାଣ, ଜଳ ସେଚନ ଓ ଗୃହ ସୁବିଧାକୁ ଉନ୍ନତ କରୁଛୁ। ସହରାଞ୍ଚଳ ପାଇଁ ଆମେ ନାଗରିକ ସୁବିଧା ଓ ସାର୍ବଜନୀନ ସେବାକୁ ଉନ୍ନତ କରୁଛୁ।

### କାଶ୍ମୀରରେ ୪.୭ ...

ସମେତ ବିଭିନ୍ନ ସ୍ଥାନରେ ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହାର ପ୍ରଭାବ କାଶ୍ମୀରର କିଛି ଅଂଶ ପର୍ଯ୍ୟନ୍ତ ବ୍ୟାପିଥିଲା। ସ୍ଥାନୀୟ ଲୋକମାନେ ହଠାତ୍ ଭୂମିକମ୍ପ ଯୋଗୁଁ ନିଦରୁ ଉଠି ପଡ଼ିଥିବା ସୂଚନା ଦେଇଥିଲେ ଏବଂ ଅନେକ ଲୋକ ଭୟରେ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଅନେକ ଅଞ୍ଚଳରେ ଝରକା, ଦ୍ୱାର ଏବଂ ଘରର ଜିନିଷପତ୍ର ଥରି ଉଠିଥିଲା, ଯାହା ଚିନ୍ତା ସୃଷ୍ଟି କରିଥିଲା, ବିଶେଷକରି ଭୋର ସମୟରେ ଯେତେବେଳେ ଅଧିକାଂଶ ଲୋକ ଶୋଇଥିଲେ।

# ପୂର୍ବି ଭାରତର ବାର୍ଷିକ ଉତ୍ସବ ଓ ଲୁମିନାରୀ ଆୱାର୍ଡ ସମାରୋହ ମହାଆଡମ୍ବରରେ ପାଳିତ



ବାରିପଦା, ୨/୨ (ନି.ପ୍ର): ରାଜ୍ୟର ଏକ ପ୍ରମୁଖ ଗଣମାଧମ ସଂସ୍ଥା ପୂର୍ବି ଭାରତ ନ୍ୟୁଜ୍ ଲାଇଭ୍‌ର ବାର୍ଷିକ ଉତ୍ସବ ଅବସରରେ ଉପସ୍ଥିତ ହୋଇ ସଂସ୍ଥାର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଅତିଥିବୃନ୍ଦ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ ଗଣମାଧମ ହେଉଛି ସମାଜର ଚତୁର୍ଥ ସ୍ତମ୍ଭ ଏବଂ ଜାଗ୍ରତ ପ୍ରହରୀ। ଗୋଟିଏ ଜାତିର ଭାଷା, ସାହିତ୍ୟ, କଳା, ସଂସ୍କୃତି, ରାଜନୀତି, ଅର୍ଥନୀତି, ସାମାଜିକ ଜୀବନ, କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ପରିପ୍ରକାଶ କରିବା ସହ ସମାଜକୁ ସଚେତନ ଓ ଶକ୍ତିଶାଳୀ କରିବାରେ ଗଣମାଧମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ସଶକ୍ତ ଗଣତନ୍ତ୍ର ପାଇଁ ଯେପରି ସରକାରଙ୍କର ଦାୟିତ୍ୱ ରହିଛି, ସେହିପରି ଗଣମାଧମର ଉତ୍ତରଦାୟିତ୍ୱ ମଧ ସମାନ ଭାବେ ଗୁରୁତ୍ୱବାହୀ ବୋଲି ମତ ପ୍ରକାଶ ପାଇଥିଲା। ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମୀଣ ବିକାଶ, ସହରୀକରଣ, ଦ୍ରୁତ ଶିଳ୍ପାୟନ, କ୍ରୀଡ଼ା ଓ ପର୍ଯ୍ୟଟନକୁ ପ୍ରାଥମିକତା ଦେଇ ମହିଳା, ଯୁବବର୍ଗ, ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ସର୍ବାଙ୍ଗୀନ ଉନ୍ନତିକୁ ଗୁରୁତ୍ୱ ଦେଉଛନ୍ତି ବୋଲି ଅତିଥିମାନେ ଉଲ୍ଲେଖ କରିଥିଲେ।ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ପୂର୍ବି ଭାରତ ନ୍ୟୁଜ୍ ତାହାର ସ୍ୱନକ୍ଷତ୍ର ଦିବସ ଓ ଲୁମିନାରୀ ଆୱାର୍ଡ କାର୍ଯ୍ୟକ୍ରମକୁ ଗର୍ବ ଓ ଗୌରବ ସହ ପାଳନ କରିଛି। ଏହି କାର୍ଯ୍ୟକ୍ରମଟି ପ୍ରତୀକ ଓର୍ଗାନାଇଜେସନ୍ ଫର ସୋସିଆଲ୍ ଡିଭେଲପମେଣ୍ଟ (ଚଡଂଝଉ) ଦ୍ୱାରା ଆୟୋଜିତ ହୋଇଥିବା ବେଳେ ପୂର୍ବି ଭାରତ ନ୍ୟୁଜ୍ ?ର ସମ୍ପାଦକ ଓ ସାମ୍ବାଦିକା ପ୍ରତିମା ବାରିକ ଏବଂ ପ୍ରକାଶକ-ନିର୍ଦ୍ଦେଶକ ଶ୍ରୀ ପ୍ରବୀର କୁମାର ବାରିକଙ୍କ ସକ୍ରିୟ ଭୂମିକା କାର୍ଯ୍ୟକ୍ରମକୁ ଏକ ଐତିହାସିକ ଓ ଅବିସ୍ମରଣୀୟ ରୂପରେଖ ପ୍ରଦାନ କରିଛି ।ଏହି ଅବସରରେ ସମାଜ ପ୍ରତି ନିଷ୍ଠା, ତ୍ୟାଗ ଓ ସେବାଭାବ ପାଇଁ ୮୦ ଜଣ ଲୁମିନାରୀଙ୍କୁ ବିଭିନ୍ନ ବର୍ଗରେ ସମ୍ମାନିତ କରାଯାଇଛି, ଯାହା ସମସ୍ତଙ୍କ ପାଇଁ ଗର୍ବର କ୍ଷଣ ହୋଇଥିଲା। ଶୋଭାମଞ୍ଚକୁ ଗରିମାମଣ୍ଡିତ କରିଥିଲେ ମୁଖ୍ୟ ଅତିଥି ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଓଡ଼ିଶା ସରକାର, ଏବଂ ମୁଖ୍ୟ ବକ୍ତା ଡ଼. ଦୟାସିନ୍ଧୁ ପରିଡ଼ା, ସବ୍-କଲେକ୍ଟର (ଦେବେଉର), ବାରିପଦା, ମୟୂରଭଞ୍ଜ।ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତପନ ପାଣ୍ଡା, ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ, ଶିକ୍ଷାବିଦ୍ ବିପ୍ଳବ ଭଞ୍ଜନ ବୁଗୁଡ଼ାଇ, ପୂର୍ବତନ ଉପାଧକ୍ଷ ଜିତେନ୍ଦ୍ର ମହାନ୍ତି, ୨୭ ନଂ ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ୨୫ ନଂ ୱାର୍ଡ କାଉନସିଲର ଶିବଶଙ୍କର ପାତ୍ର ଏବଂ ଆଦର୍ଶ ଶିକ୍ଷକ ସୋମନାଥ ସିଂହ ଉପସ୍ଥିତ ରହି କାର୍ଯ୍ୟକ୍ରମର ଗରିମା ବଢ଼ାଇଥିଲେ।କାର୍ଯ୍ୟକ୍ରମର ସୁନ୍ଦର ଓ ସ୍ମରଣୀୟ ସଂଚାଳନା ମୌସୁମୀ ପାଣ୍ଡାଙ୍କ ଦ୍ୱାରା ହୋଇଥିବା ବେଳେ ରାଜ୍ୟ ସଙ୍ଗୀତ ମାନ୍ୟତା ପାଣ୍ଡାଙ୍କ କଣ୍ଠରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସୂକ୍ଷ୍ମ ବ୍ୟବସ୍ଥାପନା ଚନ୍ଦନ କୁମାର ପାଲ ଓ ସୁସଂଯମିତ କାର୍ଯ୍ୟକ୍ରମ ପରିଚାଳନା ବିଶ୍ୱଜୀବନ ରଣାଙ୍କ ସହ ପୂର୍ବି ଭାରତ ନ୍ୟୁଜ୍ ଓ ଚଡଂଝଉର ସମସ୍ତ ସଦସ୍ୟଙ୍କ ଏକାଗ୍ର ପ୍ରୟାସରେ ଏହି ସମାରୋହ ଏକ ଅବିସ୍ମରଣୀୟ ସଫଳତା ଅର୍ଜନ କରିଛି ।ସତ୍ୟ, ସେବା ଓ ସାମାଜିକ ଦାୟିତ୍ୱର ଏହି ଉତ୍ସବ ସଦା ସମସ୍ତଙ୍କ ସ୍ମୃତିରେ ଅଲିଭା ହୋଇ ରହିବ ବୋଲି ମତବ୍ୟକ୍ତ କରିଛନ୍ତି ବୁଦ୍ଧିଜୀବୀ ମାନେ।

## ସାମାଜିକ ସୁରକ୍ଷାରୁ ବଂଚିତ ୭୨ ବର୍ଷ ବୟସ୍କ ବୃଦ୍ଧା ମା’ ‘ଜବା’



ଉଦଳା, ୨/୨ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ଡ଼େଙ୍ଗାମ ପଂଚାୟତ ଅନ୍ତର୍ଗତ ବଣିଆବସା ଗ୍ରାମରେ ଥିବା ଖଡ଼ିଆସାହିର ଦୃଶ୍ୟ । ଏହି ସାହିରେ ଦିର୍ଘ ବର୍ଷ ଧରି ବସବାସ କରି ଆସୁଥିବା ସୁନାରାମ ଲୋହାରଙ୍କର ୭୨ ବର୍ଷ ବୟସ୍କ ସହଧର୍ମିଣି ଜବା ଲୋହାର ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ‘ଜବା’ ବୟସ ଅଧିକ ହୋଇଯାଇଥିବାରୁ ଆଉ ଆଗଭଳି କାମ କରିପାରୁ ନାହାଁନ୍ତି । ଏହିଭଳି ଅବସ୍ଥାରେ ତାଙ୍କୁ ଭତା ନମିଳିବା ଫଳରେ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ବୃଦ୍ଧା ମା’ ‘ଜବା’ଙ୍କୁ ତୁରନ୍ତ ଭତା ଯୋଗାଇଦେବାକୁ ବହୁ ସ୍ୱେଚ୍ଛାସେବି ଦାବି ଜଣାଇଛନ୍ତି ।

# ଶାଳଗାଁ ହାଇସ୍କୁଲରେ ବିଶ୍ୱ ଆଦ୍ରଭୂମି ସଂରକ୍ଷଣ ସଚେତନତା

ବଡ଼ସାହି , ୨/୨ (ନି.ପ୍ର): ବଡସାହି ବ୍ଲକ ଅଧିନସ୍ଥ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ ର ଇକୋକ୍ଲବ ଓ ଓଡ଼ିଶା ସରକାରଙ୍କର ପରିବେଶ ଶିକ୍ଷା କେନ୍ଦ୍ର ମିଳିତ ସହଯୋଗରେ ବିଶ୍ୱ ଆଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ କରାଯାଇଅଛି । ଇକୋକ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଧ୍ରୁବଚରଣ ନାୟକ ବନାଞ୍ଚଳ ଅଧିକାରୀ , ମୁଖ୍ୟ ବକ୍ତା ସନ୍ତୋଷ କୁମାର ଦୁର୍ଗା ( ଅବସର ପ୍ରାପ୍ତ ଜେଲ ଅଧିକ୍ଷକ ) ସମ୍ମାନୀୟ ଅତିଥି - ନିହାର ରଞ୍ଜନ ସାମଲ , ସଂଯୋଜକ - ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ , ପ୍ରଭାସ କୁମାର ନାୟକ , ଓଷ୍ଟା ଜିଲ୍ଲା ଯୁଗ୍ମ ସଂଯୋଜକ ଯୋଗଦେଇଥିଲେ । ବର୍ତ୍ତମାନ ମାନବ ସମାଜ ଦୃତ ଗତିରେ ପରିବର୍ତ୍ତନ ପାଇଁ ଆଦ୍ର ଭୂମି ଗୁଡ଼ିକୁ ଘର , କଳକାରଖାନା ତିଆରି କରିବା ପାଇଁ ପୋତା ଯାଉଥିବାରୁ ଓ ସନ୍ତସନ୍ତିଆ ସ୍ଥାନ ଉପରେ ଅଳିଆ ଆବର୍ଜନା ପକାଇବା ଦ୍ୱାରା ବାୟୁମଣ୍ଡଳ ଅଧିକ ଉତ୍ତପ୍ତ ହେବାରେ ଲାଗିଲାଣି ବୋଲି ପରିବେଶବିତମନେ ମତ ପ୍ରକାଶ କରିଛନ୍ତି । ମୁଖ୍ୟତ ଗାଁ , ସହରରେ ଥିବା ପୋଖରୀ , ଗଡିଆ ପାଣି ଜମି ରହୁଥିବା ନାଳ ଗୁଡିକରେ ବିଭିନ୍ନ ଜାତିର ପ୍ରାଣୀମାନଙ୍କର ସୃଷ୍ଟି ଲୋପ ପାଇବାରେ ଲାଗିଲାଣି ବୋଲି ଅତିଥି ବୃନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଦ୍ର ଭୂମିର ସୁରକ୍ଷା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ଓ ବୁଦ୍ଧି ପରୀକ୍ଷା କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ଫଳଗଛ ଦେଇ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ । ଛାତ୍ର ଛାତ୍ରୀ ମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନତା କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ପୁହାଣ, ପ୍ରଭାକର ଉପାଧ୍ୟାୟ , ଗିରିଜା ଶଙ୍କର ମହାନ୍ତ ଓ ଅନ୍ୟମାନେ ସହଯୋଗ କରିଥିଲେ । ସର୍ବଶେଷରେ ପ୍ରମୋଦ କୁମାର ବିନ୍ଧାଣୀ ( କ୍ରୀଡ଼ାଶିକ୍ଷକ ) ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ପାରାଦ୍ୱୀପରେ ଭାରତ ରଙ୍ଗ ମହୋତ୍ସବ-୨୦୨୬ ଉଦ୍‌ଘାଟିତ

## ଉଦ୍‌ଘାଟନୀ ସନ୍ଧ୍ୟାରେ ମଂଚସ୍ଥ ହେଲା ମୁମ୍ବାଇ କଲେକ୍ଟିଭ୍ ମ୍ୟାଡ୍‌ନେସ୍ ଷ୍ଟୁଡିଓର ନାଟକ ଜମ୍ପ




ପାରାଦୀପ, ୨/୨ (ନି.ପ୍ର): ଭାରତୀୟ ନାଟ ବିଦ୍ୟାଳୟ ପକ୍ଷରୁ ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ କାନମାସ୍ ମିଳିତ ସହଯୋଗରେ ପାରାଦୀପଟାରେ ସୋମବାର ଦିନ ସଂନ୍ଧ୍ୟାରେ ଭାରତ ରଙ୍ଗ ମହୋତ୍ସବ-୨୦୨୬ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ସଂନ୍ଧ୍ୟାରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ କେ, ଶ୍ରୀନିବାସ ରାଓ, ଗାଳ୍ପିକ ତଥା ସ୍ତମ୍ଭକାର ଗୌରହରି ଦାସ, ପ୍ରତିଷ୍ଠିତ ଓଡିଆ ସିନେ ତାରକା ସମରେଶ ରାଉତରାୟ, ପାରାଦୀପ ବନ୍ଦର ସଚୀବ କ୍ରିର୍ଷ୍ଣା ବାପିରାଜୁ, ପାରାଦୀପ ରିଫାଇନାରୀ ୟୁନିଟ୍ ହେଡ୍ କୌଶିକ ବସୁ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ କାନମାସ୍ ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର । ପୌରହିତ୍ୟ କରିଥିଲେ କାନମାସ ସଭାପତି କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର । ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଦସ୍ୟ ସୁଶୀଲ କୁମାର ନାହାକ । ଉଦଘାଟନୀ ସମାରୋହ ପରେ ମଂଚସ୍ଥ ହୋଇଥିଲା ନାଟକ ଜମ୍ପ । ମହାରାଷ୍ଟ୍ର ମୁମ୍ବାଇର ନାଟ୍ୟ ସଂସ୍ଥା କଲେକ୍ଟିଭ୍ ମ୍ୟାଡନେସ୍ ଷ୍ଟୁଡିଓ ଦ୍ୱାରା ପରିବେଶିତ ହୋଇଥିଲା ଏହି ନାଟକ । ନାଟକଟିକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ମନୀଶ ବର୍ମା । ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତେ ଦର୍ଶକମାନେ ଉତ୍କଣ୍ଠାର ସହିତ ନାଟକକୁ ଉପଭୋଗ କରିଥିଲେ ।

# ପାନୀୟଜଳ ସଙ୍କଟ: ତାତିଲେ ଗାଁ ଲୋକେ, ରାସ୍ତା ଅବରୋଧ

ନୀଳଗିରି , ୨/୨ (ନି.ପ୍ର): ନୀଳଗିରି ବ୍ଲକରେ ଗ୍ରୀଷ୍ମଋତୁ ଆରମ୍ଭ ନହେଉଣୁ ଆରମ୍ଭ ହୋଇଯାଇଛି ପାନୀୟଜଳ ସଙ୍କଟ ।ହାଣ୍ଡି,ଗରା,ବାଲ୍‌ଟି ରଖି ରାସ୍ତା ଅବରୋଧ କଲେ ଅଞ୍ଚଳବାସୀ। ସୂଚନା ଅନୁଯାୟୀ ବାଇଁଚାରୁ ନରଣପୁରକୁ ସଂଯୋଗ କରୁଥିବା ରାସ୍ତାର ଆଡିଆଖୁଣ୍ଟା ଛକ ନିକଟରେ ରାସ୍ତା ଅବରୋଧ କରାଯାଇଥିବା ବେଳେ ଉଭୟ ପଟରେ ଗାଡ଼ିମଟର ଅଟକି ରହିଥିବା ଦେଖିବାକୁ ମିଳିଛି ।ମାଟିଆଳୀ ପଞ୍ଚାୟତ ଅଧୀନ ଆଡିଆସାହି, ଡମ୍ବୁରିଆ ଓ ରାମସିଂସାହି ଗ୍ରାମକୁ ବସୁଧା ଯୋଜନାରେ ପାନୀୟଜଳ ଯୋଗାଇ ଦିଆଯାଇଥିଲେ ହେଁ କିଛିଦିନ ଧରି ଜଳଯୋଗାଣ ବନ୍ଦ ରହିଛି ।ଫଳରେ ପାନୀୟଜଳ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟବାସିନ୍ଦା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ଏହାର ସମାଧାନ ହୋଇପାରିନାହିଁ। ଶେଷରେ ଆଜି ସକାଳେ ଶହଶହ ମହିଳା ଗରା, ବାଲଟି, ହାଣ୍ଡି ରଖି ରାସ୍ତାଅବରୋଧ କରିଥିଲେ ।ଦୀର୍ଘ ୩ଘଣ୍ଟା ଧରି ରାସ୍ତାଅବରୋଧ ଜାରି ରହିଥିଲା। ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ମହେଶ୍ୱର ସିଂ, ପ୍ରତିଭା ବାରିକ ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଖୁବଶୀଘ୍ର ସ୍ଥାୟୀ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି।

# ୩ ଦିନିଆ ପ୍ରତିଭା ମହୋତ୍ସବ ଉଦ୍‌ଯାପିତ



ଖଇରା, ୨/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ପଡିଆରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ୩ଦିନିଆ ପ୍ରତିଭା ମହୋତ୍ସବ ରବିବାର ସଂଧ୍ୟାରେ ସଭା,ସମ୍ବର୍ଦ୍ଧନା ସାଙ୍ଗକୁ ନାଚଗୀତର ମୂର୍ଚ୍ଛନାରେ ଉଦଯାପିତ ହୋଇ ଯାଇଛି । ଉପଦେଷ୍ଟା ଡା ହରେକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବିଶିଷ୍ଟ ଉଦ୍ୟୋଗପତି ବିପିନ ବିହାରୀ ଦାସମହାପାତ୍ର ମୁଖ୍ୟଅତିଥି, ଶିଶୁରୋଗ ବିଶେଷଜ୍ଞ ଡା ବ୍ରଜ ସୁନ୍ଦର ସ୍ୱାଇଁ,ଖଇରା ସରପଞ୍ଚ ମାଳତୀ ସେଠୀ,ସମିତି ସଭ୍ୟା ନର୍ମଦା ଦେଓ,ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି,ପ୍ରାକ୍ତନ ସମିତିସଭ୍ୟ ପ୍ରଭାସ ଚନ୍ଦ୍ର ବାରିକ,ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର,ଶିକ୍ଷୟତ୍ରୀ ସୁଲୋଚନା ଭୋଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବହୁ ପ୍ରତିକୂଳ ପରିସ୍ଥିତି ସତ୍ୱେ ପ୍ରତିଭା ପରିବାର ୨୪ ବର୍ଷଧରି ପ୍ରତିଭା ଅନ୍ୱେଷଣ ଲକ୍ଷରୁ କେବେ ବିଚ୍ୟୁତ ହୋଇନଥିବା କହିଥିଲେ। ରଘୁନାଥ ପତ୍ରୀ ବିବରଣୀ ପାଠ , ସ୍ନେହଲତା ପରିଡା ଓ ସୁଦର୍ଶନ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ବେଜ,ନାରାୟଣ ବେହେରା, ମାୟାଧର ବୈଶାଖ, ନରହରି ସାହୁ,ଉପେନ୍ଦ୍ର ଭୁଜବଳ,ଗଗନ ବିହାରୀ ପଣ୍ଡା,ଲମ୍ବୋଦର ପଣ୍ଡାଙ୍କ ସମେତ ଶଙ୍ଖଫୁଙ୍କା ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ଶନିବାରର ଦ୍ୱିତିୟ ସଂଧ୍ୟାରେ ବୁଦ୍ଧିରାମ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ତହସିଲଦାର ଅମିତ ରଞ୍ଜନ ହୋତା ମୁଖ୍ୟଅତିଥୀ, ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ରାଉତ,ଏଲଆଇସି ଅଧିକାରୀ ଡଃ ଗୌରଚନ୍ଦ୍ର ପଣ୍ଡା,ପ୍ରାକ୍ତନ ଜିଲା ପରିଷଦ ରାଧାକାନ୍ତ ପାତ୍ର,ଯୁବନେତା ଅଶୋକ କୁମାର ଦାସମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରତିଭା ପରିବାରର ସମସ୍ତ ସଭ୍ୟ ପଳସା,ନଛିପୁର ଓ କୁଡିଆସାହି ଗ୍ରାମବାସୀ ୩ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

# ରୂପ୍‌ସା ମହୋତ୍ସବ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବସ୍ତା ୨/୨(ନିପ୍ର)ଚଳିତ ବର୍ଷ ୬ ତାରିଖ ରୁ କଳା , ସଂସ୍କୃତି , ପରମ୍ପରା , ଭାଇଚାରା ଓ ମହାମିଳନ ର ନିଆରା ପର୍ବ ୧୫ ତମ ରୂପସା ମହୋତ୍ସବ ଓ ଜଗନ୍ନାଥ ଙ୍କ ୩୨ ବେଶ୍ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ରେ ସୂଚନା। ସୂଚନା ଅନୁଯାୟୀ ଚଳିତ ବର୍ଷ ରୂପସା ମହୋତ୍ସବ ତାର ୧୫ ତମ ବାର୍ଷିକ ଉତ୍ସବ ପାଳନ କରିବା ସହ ମହା ପ୍ରଭୁ ଜଗନ୍ନାଥ ଙ୍କ ୩୨ ବେଶ୍ ମଧ୍ୟ ଅନୁଷ୍ଠିତ ହେବ। ୫ ତାରିଖ ଦିନ ୩୨ ବେଶ୍ ଉପଲକ୍ଷେ ଆଙ୍କ ପଦ୍ମକିଶୋର ପୋଖରୀ ରୁ ମହୋତ୍ସବ ପଡିଆ ପର୍ଯ୍ୟନ୍ତ କଳସ ଶୋଭା ହେବ, ୬ ତାରିଖ ରୁ ୧୧ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ଶୋଭା କାର୍ଯ୍ୟ ,ପରେ ଜଗନ୍ନାଥ ଙ୍କ ପ୍ରବଚକ ଜିତୁ ଦାସ ଙ୍କ ଦ୍ୱାରା ଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ , ଟିଭି ପରଦାର ସୁନାମ ଧନ୍ୟ ଅଭିନେତା ଅଭିନେତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ଅଞ୍ଚଳ ରୁ ଆସିଥିବା ପିଲା ମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ସହ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୮ ତାରିଖ ଜଗନ୍ନାଥ ଙ୍କ ୩୨ ବେଶ ଉପଲକ୍ଷେ ସମ୍ବାଦ ଆମ ଓଡ଼ିଶା ଓ ମହୋତ୍ସବ କମିଟି ମିଳିତ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଅଛି ।ସବୁ ବର୍ଷ ପରି ଓର୍ମାସ ପାଖରୁ ବିଭିନ୍ନ ପ୍ରକାର ର ସରକାରୀ ଷ୍ଟଲ, କୃଷି ଯନ୍ତ୍ରପାତି , ବିଭିନ୍ନ ପ୍ରକାରର ଗାଡ଼ି , ନାନାଦି ଘରକରଣା ଦୋକାନ , ବିଭିନ୍ନ ପ୍ରକାରର ଖାଦ୍ୟ ଦୋକାନ ସହ ହରେକ୍ ମାଲ ଦୋକାନ ସମସ୍ତଙ୍କୁ ଆକୃଷ୍ଟ କରିବା ସହ ଦୋଳି , ଚକ୍ରି , କୁନି କୁନି ପିଲାଙ୍କ ପାଇଁ ବିଭିନ୍ନ ପ୍ରକାରର ଖେଳ ଚଳିତ ବର୍ଷ ମହୋତ୍ସବ ର ଶୋଭା ବଢ଼ାଇବ ବୋଲି ଉପଦେଷ୍ଟା ମଣ୍ଡଳୀ କହିଛନ୍ତି। ଟ୍ରାଫିକ ପାଇଁ ଉଭୟ ପାର୍ଶ୍ୱରେ ସାଇକେଲ , ମୋଟର ସାଇକେଲ ଓ କାର ଷ୍ଟାଣ୍ଡ ମଧ୍ୟ କରାଯିବ , ଶାନ୍ତି ଶୃଙ୍ଖଳା ପାଇଁ ୫୦ ଜଣିଆ ପ୍ରତିନିଧି ଦଳ ବଛା ଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ କମିଟି ର ସଭାପତି ଜଗଦୀଶଚନ୍ଦ୍ର ପଟ୍ଟନାୟକ ଙ୍କ ସହ ସମସ୍ତ ଉପଦେଷ୍ଟା , ସଦସ୍ୟ ଉପସ୍ଥିତ ଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବରେ ୫ହଜାର ଭକ୍ତଙ୍କ ସମାଗମ



ଖଇରା, ୨/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ସତସଙ୍ଗ କେନ୍ଦ୍ର ପରିସରରେ ରବିବାର ଦିନ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ପାଳିତ ହୋଇ ଯାଇଛି । ଉକ୍ତ ଦିବସବ୍ୟାପି କାର୍ଯ୍ୟକ୍ରମରେ ୫ହଜାରରୁ ଉର୍ଦ୍ଧ ଭକ୍ତ ଯୋଗଦେଇଥିଲେ । ସକାଳେ ଉଷାକୀର୍ତ୍ତନ,ବିନତୀ ପ୍ରାର୍ଥନା ଓ ଧର୍ମଗ୍ରନ୍ଥାଦୀ ପାଠ ପରେ ଧର୍ମାଲୋଚନା ଅନୁଷ୍ଠିତ ହୋଇଥିଲା ।ଏଥିରେ ସହପ୍ରତିରିତିକ ସମିରଣ ଦେ ଓ ଭୁବନେଶ୍ୱରରୁ ଆସିଥିବା ଅଭିଜିତ ପାଣିଗ୍ରାହୀ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇ ଠାକୁରଙ୍କ ଦର୍ଶନ,ଆଦର୍ଶ ଓ ଜୀବନର ସଠିକ ପଥ ସମ୍ପର୍କରେ ମାର୍ମିକ ବାଣି ଶୁଣାଇଥିଲେ । ପରେ ମାତୃମଣ୍ଡଳୀ ଉପସ୍ଥିତିରେ ଅନୁଷ୍ଠିତ ମାତୃସମ୍ମିଳନୀ ମା ମାନଙ୍କର ଆଚରଣ ଉଚ୍ଚାରଣ ଶୁଦ୍ଧ ହେଲେ ଏହାର ପ୍ରଭାବ ସନ୍ତାନ ଉପରେ ନିଶ୍ଚୟ ପଡିବ ବୋଲି କହିଥିଲେ । ଏହି ଅବସରରେ ଡା ଉପେନ୍ଦ୍ର ଖଟୁଆ ଓ ରାଧାରଞ୍ଜନ ଦାସଙ୍କ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା । ଡା ଶୁଭଙ୍କର ଦାସ,ଡା ଆଦିତ୍ୟ ପାଣିଗ୍ରାହୀ,ଡା କମଳାକାନ୍ତ ରାଉତ,ଡା ଅନୁପ କୁମାର ଧଡା,ଡା ଲକ୍ଷ୍ମୀଧର ନାୟକ,ଡା ମାନସ କୁମାର ଦାସ ଓ ଡା ସରୋଜ କୁମାର ମହାନ୍ତି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ମାଗଣା ଔଷଧ ବିତରଣ କରାଯାଇଥିଲା । ମହେଶ୍ୱର ପଣ୍ଡା,କାର୍ତ୍ତିକ ଚନ୍ଦ୍ର ପୃଷ୍ଟି,ନାରାୟଣ ପରିଡା ଙ୍କ ସମେତ ସମସ୍ତ ଗୁରୁଭାଇ ଓ ମାତୃମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସାହୁ,ଉପେନ୍ଦ୍ର ଭୁଜବଳ,ଗଗନ ବିହାରୀ ପଣ୍ଡା,ଲୟୋଦର ପଣ୍ଡାଙ୍କ ସମେତ ଶଙ୍ଖଫୁଙ୍କା ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ଶନିବାରର ଦ୍ୱିତିୟ ସଂଧ୍ୟାରେ ବୁନ୍ଦିରାମ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ତହସିଲଦାର ଅମିତ ରଞ୍ଜନ ହୋତା ମୁଖ୍ୟଅତିଥି,ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ରାଉତ,ଏଲଆଇସି ଅଧିକାରୀ ଡଃ ଗୌରଚନ୍ଦ୍ର ପଣ୍ଡା,ପ୍ରାକ୍ତନ ଜିଲା ପରିଷଦ ରାଧାକାନ୍ତ ପାତ୍ର,ଯୁବନେତା ଅଶୋକ କୁମାର ଦାସମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

# ସିଆଇଏସଏଫ ପକ୍ଷରୁ ବନ୍ଦେ ମାତରମ୍ ତଟୀୟ ସାଇକେଲ ଶୋଭାଯାତ୍ରା




ପାରାଦୀପ, ୨/୨ : ବନ୍ଦେ ମାତରଂ ତଟୀୟ ସୁରକ୍ଷା, ପରିବେଶ ସୁରକ୍ଷା ସଚେତନତା ଓ ଜାତୀୟ ସଂହତି ବଜାୟ ରଖିବାର ବାର୍ତ୍ତା ନେଇ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ) ପକ୍ଷରୁ ଏକ ସାଇକେଲ ଶୋଭାଯାତ୍ରାକାରୀ ଦଳ ପାରାଦୀପ ବନ୍ଦରରେ ପହଂଚିଥିଲେ । ବନ୍ଦେ ମାତରମ୍ ସଙ୍ଗୀତ ଗାନ୍‌ର ୧୫୦ ବର୍ଷ ପୂର୍ତ୍ତୀ ଅବସରରେ ଏହି ସାଇକେଲ୍ ଶୋଭାଯାତ୍ରାର ଆୟୋଜନ କରାଯାଇଛି । ପଶ୍ଚିମବଙ୍ଗର ବଖାଲି ବିଚ୍‌ରୁ ଆରମ୍ଭ ହୋଇଥିବା ଏହି ସାଇକେଲ୍ ଶୋଭାଯାତ୍ରା ଚଳିତ ମାସ ୨୨ ତାରିଖରେ ଉଦଯାପିତ ହେବ । ପଶ୍ଚିମବଙ୍ଗ, ଓଡିଶା, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ଅତିକ୍ରମ କରି ଏହା କେରଳର କୋଚିନ୍‌ରେ ପୂର୍ଣ୍ଣାଙ୍ଗ ହେବ । ସୋମବାର ସକାଳେ ପୂର୍ବତଟ ଟିମ୍‌କୁ କୋଣାର୍କ ଯିବା ପୂର୍ବରୁ ପାରାଦୀପ ସମୁଦ୍ର ବେଳାଭୂମିରେ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସ୍ୱାଗତ ସମାରୋହରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଅଭିଯାତ୍ରୀ ଦଳକୁ ସ୍ୱାଗତ କରିଥିଲେ । ଏହି ସମାରୋହରେ ତଟରକ୍ଷୀ ବାହିନୀ ଡିଆଇଜି ସଂଜୟ ନେଗୀ, ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ, ପିପିଏଲ୍ ୟୁନିଟ୍ ହେଡ୍ ପଲାନିସ୍ୱାମୀ ଭେଲୁସ୍ୱାମୀ ଯୋଗ ଦେଇ ଅଭିଯାତ୍ରୀ ଦଳକୁ ସ୍ୱାଗତ କରିବା ସହିତ ଆଗାମୀ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସିଆଇଏସଏଫ କମାଣ୍ଡା ସନତ କୁମାର ପଟେଲ । ଏହି ପୂର୍ବତଟ ଟିମ୍‌କୁ ଉତ୍ସାହିତ କରିବା ପାଇଁ ପାରାଦୀପ ସମୁଦ୍ରକୂଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର: ଆଖି ତାଡ଼ିଦେଲା ଭାଲୁ

ନୀଳଗିରି, ୨/୨ (ନି.ପ୍ର): ବିଳମ୍ବିତ ରାତ୍ରିରେ ଯାତ୍ରାଦେଖି ଘରକୁ ଫେରୁଥିବା ବେଳେ ଜୈନିକ ବୃଦ୍ଧ ଭାଲୁ ହାବୁଡ଼ରେ ପଡ଼ି ଗୁରୁତର ଆହତହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି ।ଗୁରୁତର ଆହତହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଂଚାୟତ ସାବୁଜାପୁର ଗ୍ରାମର ବାବୁଲି ବେହେରା (୫୫)। ରବିବାର ବିଳମ୍ବିତରାତି ପ୍ରାୟ ୧୧.୪୦ ସମୟରେ ଶ୍ରୀଦେଇପୁର ଗ୍ରାମ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ବାଦୀପାଲା ଦେଖି ଘରକୁ ଫେରୁଥିବା ବେଳେ ଭାଲୁ ହାବୁଡ଼ରେ ପଡି ଆକ୍ରମଣର ଶିକାର ହୋଇଥିଲେ। ଭାଲୁ ଆକ୍ରମଣରେ ବାବୁଲିଙ୍କ ଦୁଇଟି ଆଖି,ମୁଣ୍ଡ, ଖପୁରୀ ଓ ଦେହର ଅଧିକାଂଶ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ଗ୍ରାମବାସୀମାନେ ବାବୁଲିଙ୍କୁ ପ୍ରଥମେ ସୋର ଡାକ୍ତରଖାନା, ପରେ ବାଲେଶ୍ୱର ଶେଷରେ ଅବସ୍ଥା ସଙ୍ଗୀନହେବାରୁ କଟକ ବଡ଼ମେଡିକାଲ ନିଆଯାଇ ଚିକିତ୍ସାକରାଯାଉଛି। ତେବେ ବାବୁଲିଙ୍କ ଆଖିଦୁଇଟି ତାଡି ନେଇଥିବାରୁ ଅବସ୍ଥା ସଙ୍କଟାପନ୍ନ ହୋଇଥିବା ସୂଚନା ମିଳିଛି।




# ବୈଶିଙ୍ଗାଠାରେ ଶୀତଳ ଭଣ୍ଡାରର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉ



ବୈଶିଙ୍ଗା , ୨/୨ (ନି.ପ୍ର): ବିକାଶ ବିକାଶ ବିକାଶ ଚାରିଆଡେ ଚାଲିଛି ବିକାଶର ନାରା । ପୂର୍ବ ସରକାର ଯେମିତି ଚାଷୀଙ୍କୁ ଭଣ୍ଡେଇ ଚାଲିଥିଲେ , ନୂଆ ବିଜେପି ସରକାର ମଧ ସେଇ ଧାରାରେ ଚାଲିଥିବାର ଅଭିଯୋଗ ହେଉଛି। ମାତ୍ର ଚାଷୀ, ଚାଷ ଓ କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରୀ କରିବା ପାଇଁ ବଜାର ସୃଷ୍ଟି କରିବା ଏବଂ କୃଷି ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳ ଭଣ୍ଡାର ସରକାର ନିର୍ମାଣ ନ କରାଇବା ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କାଳିଆ, ବଳିଆ ଯୋଜନା ସହିତ ଟଙ୍କିକିଆ ଚାଉଳ ପାଇଁ କୃଷି ଶ୍ରମିକ ମାନେ କ୍ଷେତରେ ଶ୍ରମ କରିବା ପରିବର୍ତ୍ତେ ବୁଲି ବୁଲି ସମୟକୁ ବିତାଇ ଦେଉଛନ୍ତି। ଏଥିପାଇଁ କୃଷି ଉତ୍ପାଦନ କମୁଛି , ମାତ୍ର ଜନସଂଖ୍ୟା ବଢି ବଢି ଚାଲୁଛି। ଋତୁ ଉପଯୋଗୀ ହେଉଥିବା ପନିପରିବା ଚାଷରୁ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି। ଦରଦାମ ବୃଦ୍ଧିକୁ ନେଇ ଉପୁଜିଥିବା ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ । ମୁଖ୍ୟତଃ ଆଳୁ, ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି ଆଦି ପରିବା ଅଧିକ ଦାମ ରେ ବିକ୍ରି ହେଉଛି । ବୈଶିଙ୍ଗା ଠାରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଥିଲେ ବୁଢାବଳଙ୍ଗ, ଗଙ୍ଗାହାର ଅବବାହିକାରୁ ଉତ୍ପାଦିତ ହେଉଥିବା ପନିପରିବା ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଯୋଗାଇବା ପରେ ମଧ ବଳକା ପନି ପରିବା ସାଇତା ଯାଇ ପାରନ୍ତା । ମାତ୍ର ଶୀତଳ ଭଣ୍ଡାର ଅଭାବରୁ ବଳକା ପନିପରିବା ପଚି ସଢି ନଷ୍ଟ ହୋଇଯାଉଛି। ଏଥି ପାଇଁ ଚାଷୀ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। ଯାହା ଫଳରେ ଚାଷୀ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ବିଭିନ୍ନ ଯୋଜନାରେ ପୂର୍ବ ସରକାର କୋଟି କୋଟି ଟଙ୍କାର ଅଯଥା ଖର୍ଚ୍ଚ କରିଥିବା ବେଳେ ଚାଷୀ ଙ୍କ ସୁବିଧା କୁ ଭୁଲି ଯାଇଥିଲେ ।ନୂଆ ସରକାର ଯେପରି ଋଇଛ ଧାନ ଟ୩୧୦୦ଙ୍କାରେ କିଣିବେ ବୋଲି ଘୋଷଣା କରିବା ଏବଂ ଖରିଫ୍ ଓ ରବି ଧନକୁ କିଣିଥିବା ଯୋଗୁଁ ଧାନ ଚାଷ ପ୍ରତି ଆଗ୍ରହ ବଢିଯାଇଛି। ଏହାର ପ୍ରମାଣ ଚଳିତ ବର୍ଷ ଖରିପ ଧାନ ଚାଷ ଆକଳନ ରୁ ଜଣାଯାଇଛି । ସେହିଭଳି ପନିପରିବା ର ବଜାର ସୃଷ୍ଟି ପାଇଁ ଶୀତଳ ଭଣ୍ଡାର କରାଯାଇ ପାରିଲେ ଚାଷୀ ଙ୍କ ମାନଦଣ୍ଡ ମଜବୁତ ହୋଇପାରିବ । ବିଧାୟକ ମହୋଦୟ କେବଳ ବିଜୁଳି ଆଲୁଅ ପଛରେ ନ ଗୋଡାଇ ଏହି ଶୀତଳ ଭଣ୍ଡାର ପ୍ରତି ଧ୍ୟାନ ଦେଲେ ଚାଷୀ ଉପକୃତ ହୋଇ ପାରନ୍ତେ । ଆଶା କରାଯାଏ ନୂଆ ସରକାର ଚାଷୀ ଙ୍କ ହିତରେ କାମ କରିବେ ।

# ଭାରତୀୟ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ

ଖୋର୍ଦ୍ଧା, ୨/୨ (ନି.ପ୍ର): ବେଗୁନିଆ ବ୍ଲକ୍ ଅଧୀନସ୍ଥ ପୋଡାଡିହସ୍ଥିତ ଭାରତୀୟ ବିଦ୍ୟା ନିକେତନର ଉନ୍ନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପର୍ଶୁରାମ ମିଶ୍ର ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଅଖିଳେଶ ମହାପାତ୍ର, ପ୍ରମୁଖ ଉପସ୍ଥିତ ରହି ଶିକ୍ଷା ସଂପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ଜେନା, ମଞ୍ଚ କୁ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧକ୍ଷ ସୁରେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ, । ଶିକ୍ଷକ ସୁଧାକର ସେଠୀ ମଞ୍ଚ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀମାନେ ନାଚ ଗୀତ, ନାଟକ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida